**Annual Subscription Rs. 40.00 only**

# ମାତୃଭବନ ପତ୍ର

## ମାସିକ ଶିକ୍ଷା ଓ ସାଧନା ପତ୍ରିକା

ବିଂଶ ବର୍ଷ ◆ ପ୍ରଥମ ସଂଖ୍ୟା ◆ ମେ ୨୦୧୦

When all thy work in human time is done
The mind of earth shall be a home of light,
The life of earth a tree growing towards heaven,
The body of earth a tabernacle of God.

*(Savitri-699)* *- Sri Aurobindo*

*ମାନୁଷୀ କାଳକ୍ରମରେ ତୁମର ସମସ୍ତ କର୍ମ ଯେତେବେଳେ ଶେଷ ହେବ*
*ସେତେବେଳେ ପୃଥିବୀର ମନ ହୋଇଉଠିବ ଜ୍ୟୋତିର ନିଜସ୍ୱ ଧାରା,*
*ପାର୍ଥିବ ଜୀବନ ହେବ ସ୍ୱର୍ଗ ଅଭିମୁଖରେ କ୍ରମବର୍ଦ୍ଧମାନ ଏକ ବୃକ୍ଷ,*
*ପୃଥିବୀ ଶରୀର ହେବ ଭଗବାନଙ୍କର ଏକ ପୁଣ୍ୟ ଦେବାଳୟ ।*

- ଶ୍ରୀଅରବିନ୍ଦ

**ମାତୃଭବନ**
ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

# ସାଙ୍ଗଠନିକ ଗୋଷ୍ଠୀର ଯାତ୍ରା ପଥ




ଜୁଲାଇ ୧ (ଢେଙ୍କାନାଳ ଜିଲ୍ଲା) ଠାରୁ
ଜୁଲାଇ ୩୦ (କଟକ ଜିଲ୍ଲା) ପର୍ଯ୍ୟନ୍ତ

# ବାବାଜି ମହାରାଜଙ୍କ ପତ୍ରାବଳୀ.......

**୨୭.୮.୭୬ :** ଡାଳିଯୋଡ଼ା ଖର୍ଚ୍ଚ ସକାଶେ ନିର୍ଣ୍ଣୟ ହୋଇଗଲା ଖୁବ୍ ଭଲ ହେଲା। ବାକିକାମ ସବୁ ସମ୍ଭବପର ହେବ।

ବିରୋଧି ଶକ୍ତି କେତେ ପ୍ରବଳ ହେଉ ଭାଗବତୀ ଶକ୍ତିର ବିଜୟ ସୁନିଶ୍ଚିତ। କିନ୍ତୁ ଉପସ୍ଥିତ ପରିସ୍ଥିତି ଏବଂ କାର୍ଯ୍ୟ ବୁଦ୍ଧିରେ ବିଚାର କରିବା କଠିନ। ପରିଣାମ ଉତ୍ତମ ନିଶ୍ଚିତ ରୂପେ ହେବ।



**୨୫.୩.୭୬ :** ପୁନରାଏ ସମ୍ବଲପୁରରୁ ଆସିଥିବା ଚିଠି ପଠାଉଅଛି। ଏଠାରେ ଆଉ ନୂଆ ଖବର କିଛି ନାହିଁ। ଓଡ଼ିଶାରେ ଶାସନ ପରିସ୍ଥିତି କିପରି ?

... ମଧୁସୂଦନ ବାବୁଙ୍କ ଚିଠିରୁ ଜାଣିଲି ତାଙ୍କ ବୟସ ୭୧ ବର୍ଷ। ବୃଦ୍ଧ ଅବସ୍ଥାରେ ଘରେ ରହି ଭଗବାନଙ୍କୁ ସ୍ମରଣକଲେ ତାଙ୍କର ସେବା ସୁଶ୍ରୁଷା ଭଲ ହେବ। ଡାଳିଯୋଡ଼ାରେ ରହିବା ଠିକ ହେବ ନାହିଁ। ମୁଁ ମଧୁବାବୁଙ୍କୁ ମନାକରି ଚିଠି ଲେଖିଦେଇଛି। ତାଙ୍କୁ ରଖିବାକୁ ମଧୁବାବୁଙ୍କର କିଛି ମାତ୍ରାରେ ଆଗ୍ରହ ଥିଲାପରି ମନେହେଲା- ସେ ଲେଖିଥିଲେ, "ସମସ୍ତେ ପିଲା। ସେ ଜଣେ ବୃଦ୍ଧବ୍ୟକ୍ତି ରହିଲେ ପିଲାଙ୍କର ତାଙ୍କ ପ୍ରତି ସମ୍ମାନ ରହିବ।" ବୃଦ୍ଧ ଅବସ୍ଥାରେ ଅନ୍ୟମାନେ ସମ୍ମାନ କରନ୍ତି ଶ୍ରେଷ୍ଠଗୁଣ ଥିଲେ। ପିଲାମାନେ ସବୁ ତ୍ୟାଗକରି ଆସିଛନ୍ତି। ପିଲାଙ୍କ ତ୍ୟାଗ ଦୃଷ୍ଟିରୁ ତାଙ୍କର କିଛି ମାତ୍ର ତ୍ୟାଗ ନାହିଁ। ସେ ସମ୍ମାନ କରିବେ କାହିଁକି ? ଆପଣ ଯେପରି ବିଚାର କରିବେ ସେପରି କରିବେ। ଯଦି ଆପଣ ଚାହାନ୍ତି ଜଣେ ବୟସ୍କ ବ୍ୟକ୍ତି ସେ ସ୍ଥାନରେ ରହିବା ଉଚିତ ତେବେ ରଖିପାରନ୍ତି।

ସାଧନା ମାର୍ଗରେ ହତାଶା ନିରାଶା ଆସିବା ସ୍ୱାଭାବିକ। ଏପରି କି ଅନିବାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ତାକୁ ପରୁଆ କରନ୍ତୁ ନାହିଁ। ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ଦୃଢ଼ ସଙ୍କଳ୍ପ ସହ କାମ କରନ୍ତୁ। ହତାଶା, ନିରାଶା, ନିରୁତ୍ସାହକୁ ଟିକିଏ ବି ପ୍ରଶ୍ରୟ ଦିଅନ୍ତୁ ନାହିଁ। କାର୍ଯ୍ୟରେ ବାଧାବିଘ୍ନ ଆସେ। ଶହେ ଅନୁଷ୍ଠାନରୁ ପଚାଶ ଭାଙ୍ଗିଯାଇପାରେ। କାର୍ଯ୍ୟରେ ଶିଥିଳତା ଆସି ପାରେ ମାତ୍ର ମା'ଙ୍କ କାର୍ଯ୍ୟ ବନ୍ଦ ହେବନାହିଁ କିମ୍ବା ରୋକିବ ନାହିଁ। କାର୍ଯ୍ୟରେ ବାଧାବିଘ୍ନ ଆସେ।

**୩.୧୨.୭୬ :** ଆଜି ସକାଳେ ସୂର୍ଯ୍ୟମଣି ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଶରୀର ତ୍ୟାଗ କଲେ। ତାଙ୍କ ପିଲାମାନେ ସବୁ ଆଜି ଯାଇଛନ୍ତି। ବହୁତ ସଚେତ ଅବସ୍ଥାରେ ମା'ଙ୍କ ନାମ ସ୍ମରଣ କରୁ କରୁ ଶରୀର ତ୍ୟାଗ କଲେ। ମୁଁ ବର୍ତ୍ତମାନ ଦେଖିବାକୁ ଯାଇଥିଲି। ମୃତ୍ୟୁର କୌଣସି ପ୍ରକାର ଚିହ୍ନ ନାହିଁ। ଯେପରି ଜୀବନ ଅବସ୍ଥାରେ ଥିଲାପରି ଲାଗୁଛି। ବାତାବରଣ ମଧ୍ୟ ବହୁତ ସ୍ୱଚ୍ଛ।

ଆପଣ ପ୍ରଥମରେ ଡାଳିଯୋଡ଼ା ଟ୍ରଷ୍ଟ ଏବଂ କୋଅପରେଟିଭ ସୋସାଇଟି ରେଜିଷ୍ଟ୍ରେସନ୍ କରାଇବାକୁ ଚେଷ୍ଟା କରିବେ। ଏଥିରେ ବହୁତ ଶୀଘ୍ର କରିବା ଉଚିତ।

ଆପଣଙ୍କ ଚିଠିସବୁ ପଠାଉଅଛି। ପ୍ରେସ ଘର ତିଆରି ଚାଲିଛି। ଅଫିସ ପ୍ରେସ୍

ଭାଇମାନଙ୍କର ପ୍ରଣାମ ନେବେ।

**୨୯.୭.୭୬ :** ଓଡ଼ିଶା ପାଠଚକ୍ରର ଜିଲ୍ଲା କମିଟି ଏବଂ ପ୍ରାଦେଶିକ କମିଟି ଗଠନ ହେବା ଦରକାର। ରେଜିଷ୍ଟ୍ରି ପରେ ହେଉଥିବ। ଡାଳିଯୋଡ଼ାରେ ଆବଶ୍ୟକ ହେଲେ ଗୋଟିଏ ଟ୍ରଷ୍ଟବୋର୍ଡ଼ କରାଯାଉ। ସେହି ଟ୍ରଷ୍ଟବୋର୍ଡ଼ ଗଭର୍ଣ୍ଣମେଣ୍ଟଠାରୁ ଜମି ଲିଜ ନେଇ ପାରିବ। ତାଛଡ଼ା ଯଦି ଶ୍ରୀକ୍ଷେତ୍ର ଜମି କୌଣସି ପ୍ରକାରେ ସିଲିଙ୍ଗ ଆଇନରୁ ମୁକ୍ତ ନହୁଏ ଏବଂ ଗଭର୍ଣ୍ଣମେଣ୍ଟ ସେ ଜମିକୁ ନିଏ ତେବେ ଗଭର୍ଣ୍ଣମେଣ୍ଟଠାରୁ ଟ୍ରଷ୍ଟବୋର୍ଡ଼ ନେଇ ପାରିବ। ଏହା ହୋଇପାରିବ କି ନାହିଁ? ଆଉ ସମସ୍ତ ଖବର ଭଲ। ନବଜ୍ୟୋତି ତଥା ପ୍ରେସ୍ ଭାଇମାନଙ୍କର ପ୍ରଣାମ ନେବେ।

**୩୧.୭.୭୬ :** କିରିଟ ଭାଇଙ୍କୁ ଓଡ଼ିଶା ଆସିବା କଥା ପଚାରିଥିଲି। ସେ କହିଲେ ସେ ଏଠାରୁ ସମ୍ଭବତଃ ୨/୮ରେ ଯିବେ। ତାଙ୍କୁ ସେଠାରେ ୫/୬ ଦିନ ଏହି ସବୁ ରିପୋର୍ଟ ଏବଂ ନିଜର ପ୍ରୋଗ୍ରାମ ତୟାରି କରିବାରେ ଲାଗିବ। ଆପଣ ୧୦.୮ରେ ତାଙ୍କ ସହିତ ଫୋନରେ କଥାବାର୍ତ୍ତା କଲେ ସେ ଆସିବା ତାରିଖ ଆପଣଙ୍କୁ କହିଦେବେ। ଡାଳିଯୋଡ଼ା ବିଷୟରେ ଆପଣ ବୋଧହୁଏ ଲେଖି ଚିଠି ଦେଇଥିବେ। ମୁଁ ସୋମବାର ୨/୮ରେ ପାଇପାରିବି। ଓକିଲ ସଙ୍ଗେ ପରାମର୍ଶ କରି ଡାଳିଯୋଡ଼ାରେ "ମାତୃକ୍ଷେତ୍ର" ନାମରେ ଗୋଟିଏ ଟ୍ରଷ୍ଟ କଲେ ଭଲ ହେବ। ଗଭର୍ଣ୍ଣମେଣ୍ଟଠାରୁ ଯେଉଁ ଜମି ଲିଜ ନିଆ ହେବାର ପ୍ରୟାସ କରାହୋଇଛି ସେ ଜମି ଏହି ଟ୍ରଷ୍ଟ ନାମରେ ନିଆଯାଇପାରିବ। ତାଛଡ଼ା ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ସିଲିଙ୍ଗରୁ ରକ୍ଷା କରିବା ସକାଶେ ପ୍ରଯତ୍ନ କରାହେବ। ଓକିଲ ପରାମର୍ଶ ଅନୁସାରେ ଶେଷରେ ଯଦି ନହୁଏ, ଗଭର୍ଣ୍ଣମେଣ୍ଟ ସେ ଜମି ଆଇନ ଅନୁସାରେ ନିଏ ତେବେ ଗଭର୍ଣ୍ଣମେଣ୍ଟଠାରୁ ଟ୍ରଷ୍ଟ ନେଇପାରିବ। ଏସବୁ ହେଉ ବା ନହେଉ, ଗୋଟିଏ ଟ୍ରଷ୍ଟ କରିବା ଭଲ ହେବ।

**୮.୯.୭୬ :** ଛୋଟ ଭାଇ ପୁଅର ମୃତ୍ୟୁ ବିଷୟରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ସମାଧିରେ ନିବେଦନ କରି ତାଙ୍କ ଆଶୀର୍ବାଦ ପୁଷ୍ପ ପ୍ରସାଦ ଏହି ପତ୍ରରେ ପଠାଉଅଛି। ଯିଏ ମା'ଙ୍କର ଅଥବା ଭଗବାନଙ୍କ ଆଶ୍ରିତ ତାର ଦାୟିତ୍ୱ ତା' ପରିବାରର ଦାୟିତ୍ୱ ଭଗବାନ ବହନ କରନ୍ତି। ଏହା ନିଶ୍ଚିତ। ଭାଇମାନେ ଦୁଃଖକଷ୍ଟରେ ଅଛନ୍ତି, ଏହା ସତ୍ୟ। କିନ୍ତୁ ସମୟ ଆସିବ ସେମାନେ ଏହି ଦୁଃଖକଷ୍ଟରୁ ମୁକ୍ତ ହେବେ।

ବିଲୁଆ କାମୁଡ଼ିବା ଦ୍ୱାରା ରାଜୁର ମୃତ୍ୟୁହେଲା। ଏହା ତାର ମୃତ୍ୟୁର କାରଣ ଥିଲା। ଉପଚାର କରିବା ଦ୍ୱାରା ଭଲ ହେବାର ସମ୍ଭାବନା ନଥିଲା। ପରମାୟୁ ଶେଷ ହେଲେ କୌଣସି ଉପାୟ ସଫଳ ହୁଏ ନାହିଁ। ଯଦି ବଞ୍ଚିବାର ଥାଆନ୍ତା ଆପଣ ନିଶ୍ଚୟ ଶୁଣିଥାଆନ୍ତେ, ତାର ପ୍ରତିକାର ବି କରାଇ ଥାଆନ୍ତେ।

ଆପଣଙ୍କ ମନରେ ବିକ୍ଷୋଭ ହେବା, ଏହାର କାରଣ ପରିବାରର ଦୁଃଖକଷ୍ଟ ନୁହେଁ। ଏହାର କାରଣ ରୂପାନ୍ତର। ଯେଉଁଭାଗ ରୂପାନ୍ତର ହେବାକୁ ପ୍ରସ୍ତୁତ ହେବ ତାର ପୁରା ସ୍ୱରୂପରେ ସମ୍ମୁଖକୁ ଆସିବ। ସମ୍ମୁଖକୁ ଆସିବା ସକାଶେ କୌଣସି ବାହ୍ୟ ଘଟଣାକୁ ଆଶ୍ରୟ କରିବ। ଆପଣ ଯାହା ସାହାଯ୍ୟ କରିପାରିବାର ସମ୍ଭାବନା ତାହା କରନ୍ତୁ। କିନ୍ତୁ ସମ୍ପୂର୍ଣ୍ଣ ରୂପେ ମା'ଙ୍କ ଉପରେ ଛାଡ଼ିଦିଅନ୍ତୁ। ମା'ଙ୍କ କୃପାରୁ ସେମାନେ ସୁଖଶାନ୍ତିରେ ରହିବେ। ଆଉ ଟିକିଏ ତୀବ୍ରଭାବେ ମା'ଙ୍କ ଆଶ୍ରୟ ସେମାନେ ନେଲ ଭଲ ହୁଅନ୍ତା।

***ଆପଣଙ୍କର ଶୁଭଚିନ୍ତକ***
***ଶ୍ରୀ ରାମକୃଷ୍ଣ ଦାସ***

# କଥାରେ କଥାରେ...

ଶୈଳେଶଦା ଗୋଟିଏ ମଜା ଘଟଣା କହିଲେ। ଜଣେ ଭଦ୍ରବ୍ୟକ୍ତିଙ୍କର ଗୋଟିଏ ଧଳା ଆମ୍ବାସଡର ଗାଡ଼ି ଥିଲା। ଘର ସାମ୍ନାରେ ଗାଡ଼ିଟିକୁ ପାର୍କିଂ କରି ରଖୁଥିଲେ। ସେ ପ୍ରତି ରବିବାର ସକାଳେ ତାକୁ ଧୋଇ ପରିଷ୍କାର କରୁଥିଲେ। ଗୋଟିଏ ରବିବାର ସେ ସାରା ସକାଳ ପରିଶ୍ରମ କରି ଗାଡ଼ିଟିକୁ ଧୋଇ ପୋଛି ପରିଷ୍କାର କରିଲେ। ପରେ ଦେଖିଲେ ଘର ସାମ୍ନାରେ ଗାଡ଼ିଟି ନାହିଁ। ସେ ଭାବିଲେ, ଗାଡ଼ିଟା ନିଶ୍ଚୟ ଚୋରୀ ହୋଇ ଯାଇଛି। ପୋଲିସ ଥାନାରେ ଖବର ଦେଲେ। ଏଥିପାଇଁ ଦିନସାରା ଦୌଡ଼ା ଦୌଡ଼ି କରିଲେ। ସୋମବାର ସକାଳରେ ଆଉ କ'ଣ କରିବେ, ବସ୍‌ରେ ଅଫିସ୍ ଗଲେ। ସନ୍ଧ୍ୟାରେ ଫେରି ଆସିଲେ। ଦେଖିଲେ ଘରଠାରୁ ଅନେକ ଦୂରରେ ତାଙ୍କର ସେଇ ଧଳା ଆମ୍ବାସଡର ଗାଡ଼ିଟି ରଖାହୋଇଛି। ସେତେବେଳେ ତାଙ୍କର ମନେ ପଡ଼ିଲା, ଆରେ ଠିକ୍ ତ, ଶନିବାର ଦିନ ତ ସେ ଏଇଠି ଗାଡ଼ିଟି ରଖିଥିଲେ। ତାଙ୍କ ଘର ସାମ୍ନାରେ ହୁଏତ ଅନ୍ୟ କେହି ଗାଡ଼ି ରଖିଥିଲେ। ସେ ନିଜ ଗାଡ଼ି ଭାବି ସେଇଟାକୁ ଧୋଇ ପୋଛି ପରିଷ୍କାର କରିଥିଲେ। ପରେ ଯାହାର ଗାଡ଼ି ସେ ନେଇ ଯାଇଛନ୍ତି। କିନ୍ତୁ ସେ ଭାବିଛନ୍ତି ଗାଡ଼ିଟା ଚୋରୀ ହୋଇଯାଇଛି। ପରେ ଯେତେବେଳେ ପୁଲିସ ଆସିଲେ ସେତେବେଳେ ସେ ଆଉ କ'ଣ କରିବେ, ନିଜର ଅହମିକାକୁ ଚାପିରଖି କହିଲେ, ନା, ସରି ଗାଡ଼ିଟା ଖୋଜି ପାଇଲି।

ଶୁଣି ଚନ୍ଦ୍ରନାଥ କହିଲେ, ଏମିତି ଭୁଲିବା ଗପ ମୁଁ ଗୋଟିଏ ଜାଣିଛି। ଜଣେ ଭଦ୍ରବ୍ୟକ୍ତି ରାତିରେ ନାଇଟ ସୋ ସିନେମା ଦେଖିବାକୁ ଯାଇଥିଲେ। ସୋ ଭାଙ୍ଗିବା ପରେ ସିନେମା ହଲ୍‌ରୁ ବାହାରି ନିଜ ଗାଡ଼ି ସାମ୍ନାରେ ଆସି ଦେଖିଲେ, ତାଙ୍କ ଗାଡ଼ିର ଚକ ପଙ୍କଚର ହୋଇଯାଇଛି। ଭଦ୍ରଲୋକଙ୍କ ମୁଣ୍ଡରେ ହାତ ଦେଲେ। ହାଏରେ କପାଳ, ଏତେ ରାତିରେ ଏବେ ଗାଡ଼ିର ଚକ ପଙ୍କଚର। କ'ଣ ଆଉ କରିବେ, ସେ ନିରୁପାୟ ହୋଇ ଗାଡ଼ିର ଡିକି ଖୋଲି ଗୋଟିଏ ଷ୍ଟେପିନ ଚକ ବାହାର କଲେ। ଯନ୍ତ୍ରପାତି ବାହାର କଲେ। ତା'ପରେ ଗାଡ଼ି ତଳେ ଶୋଇପଡ଼ି ଚକ ବଦଳ କରିବାକୁ ଲାଗିଗଲେ। ପ୍ରାୟ ଦୁଇ ଘଣ୍ଟା ଝାଳନାଳ ହୋଇ ଚକଟି ଯେତେବେଳେ ଫିଟ୍ କରି ଗାଡ଼ିରେ ବସିବାକୁ ଯିବେ ସେତେବେଳେ ପାଖକୁ ଆସି ଜଣେ ଭଦ୍ରମହିଳା ତାଙ୍କୁ ବହୁତ ବହୁତ ଧନ୍ୟବାଦ ଦେଇ କହିଲେ, ଆପଣଙ୍କୁ କ'ଣ କହି ଧନ୍ୟବାଦ ଜଣାଇବି ! ଏତେ ରାତିରେ ଆପଣ ଚକଟି ଫିଟ୍ କରି ନ ଦେଇଥିଲେ କେତେ ଯେ ବିପଦରେ ପଡ଼ିଥାଆନ୍ତି !

- ଏ କଣ ? ଏଇଟା ତ ମୋ ଗାଡ଼ି। ଚକ ବଦଳ କରିଛି ବୋଲି ମୋତେ କାହିଁକି ଧନ୍ୟବାଦ ଜଣାଉଛନ୍ତି ? - ଆଜ୍ଞା ନୁହେଁ, ଗାଡ଼ିଟା ମୋର। ଆପଣଙ୍କ ଗାଡ଼ି ତ ସେଇ ପଛରେ ରହିଛି। ଭଦ୍ରଲୋକଟିର ସେତେବେଳେ ହୋସ ଫେରିଲା, ଓ ହୋ, ଠିକ୍ ତ। ଏତେ ସମୟ ସେ ପର ଗାଡ଼ିରେ ବୃଥା ପରିଶ୍ରମ କରିଛନ୍ତି। ଭଦ୍ରମହିଳା ପାଖରେ ଛିଡ଼ା ହୋଇଥିଲେ। ସେତେବେଳେ କିଛି ବି କହିନାହାଁନ୍ତି।

ଦାଦା କହିଲେ, ତେବେ ଶୁଣ ମୋର

ଗୋଟିଏ ଗପ । ଫୁଟ୍‌ବଲ ପଡ଼ିଆରେ ମ୍ୟାଚ୍ ଖେଳ ଚାଲିଛି । ଗ୍ୟାଲେରିରେ ଦର୍ଶକଙ୍କର ଭିଡ଼ । ଖେଳରେ ପ୍ରବଳ ଉତ୍ତେଜନା । ଗୋଲ ଏରିୟାରେ ବଲ୍ ପଶିଯାଇଛି । ଗୋଲ ହବ ହବ । ସେତେବେଳେ ଜଣେ ଦର୍ଶକ ଉତ୍ତେଜିତ ହୋଇ ନିଜର ଆଣ୍ଠୁ ମନେକରି ପାଖ ଲୋକର ଆଣ୍ଠୁ କୁଣ୍ଡେଇ ଚାଲିଲେ । ପାଖ ଭଦ୍ରଲୋକ ବିରକ୍ତ ହୋଇ କହିଲେ, କ'ଣ ଆଜ୍ଞା ? ସେତେବେଳରୁ ଆପଣ ମୋର ଆଣ୍ଠୁ କାହିଁକି କୁଣ୍ଡେଇ ଚାଲିଛନ୍ତି ? ଭଦ୍ରଲୋକଙ୍କର ହୋସ ଫେରିଲା । କହିଲେ, ଓ, ଆପଣଙ୍କର ଆଣ୍ଠୁ ? ସେଥିପାଇଁ ଭାବୁଛି, କୁଣ୍ଡାଉଛି କିନ୍ତୁ ଆରାମ ହେଉନାହିଁ କାହିଁକି ?

ଦାଦାଙ୍କ ଗପ ଶୁଣି ସମସ୍ତଙ୍କର ହସି ହସି ବେଦମ୍ ହେବାର ଅବସ୍ଥା ।

**xxxx**

କଥା ପଡ଼ିଥିଲା ସୋରିଷ ତେଲ ଖାଇ ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ଡ୍ରପ୍‌ସି ବେମାରି ହେଉଛି । ଦିଲ୍ଲୀରେ ସୋରିଷ ତେଲ ବିକ୍ରି ଆଇନ କରି ନିଷିଦ୍ଧ କରା ଯାଇଛି । ପଣ୍ଡିଚେରୀରେ ସୋରିଷ ତେଲ ବିକ୍ରି ନିଷେଧ ହୋଇଯାଇଛି ।

ଦାଦା କହିଲେ, ୧୯୪୦ ମସିହାରେ ଏହିପରି ଥରେ ବହରମପୁରରେ ଡ୍ରପ୍‌ସି ହେଉଥିଲା । ସେତେବେଳେ ଡ୍ରପ୍‌ସିକୁ କୁହାଯାଉଥିଲା ବେରିବେରି । ବେରିବେରିରେ ଅନେକ ଲୋକ ମରିଯାଉଥିଲେ । ମନେ ଅଛି ସେତେବେଳେ ରାସ୍ତାରେ ଢେଙ୍ଗୁରା ପିଟି କହି ବୁଲୁଥିଲେ ଭାରତ ମିଲର ତେଲ ଖାଇଲେ ବେରିବେରି ହୁଏ ନାହିଁ - ହିଁ - ହିଁ । ଡିମ୍ - ଡିମ୍ ।

ଆମର ସମବୟସ୍କ ଗୋଟିଏ ପିଲାର ବେରିବେରି ହେଲା । ତାର ନାମ ସାଧୁ । ଚିକିତ୍ସାରେ ସାଧୁର ବେରିବେରି ଭଲ ହୋଇଗଲା । କିନ୍ତୁ ବେରିବେରିରେ ହାର୍ଟ ବହୁତ ଦୁର୍ବଳ କରିଦିଏ । ସାଧୁ ବହୁତ ଭଲ ଫୁଟ୍‌ବଲ ଖେଳୁଥିଲା । ସେଥର ହୁଇଲାର ଶିଲ୍ଡର ମ୍ୟାଚଖେଳ ହେଉଥାଏ । ସାଧୁ ଖେଳୁଥାଏ । ଖେଳୁ ଖେଳୁ ସେ ବଲ ନେଇ ସମସ୍ତଙ୍କୁ କଟେଇ ଗୋଲ ସାମ୍‌ନାରେ ଯାଇ ସଟ୍ ମାରିଲା । ସମସ୍ତେ "ଗୋଲ" "ଗୋଲ" କହି ଚିତ୍କାର କଲେ । ସାଧୁ ବଲଟି ସଟ୍ ମାରି ନିଜେ ପଡ଼ି ଗଲା । ଆଉ ଉଠିଲା ନାହିଁ । ସେହିଠାରେ ହାର୍ଟ ଫେଲ କରି ମରି ଗଲା ।

ତାକୁ ମଶାଣିରେ ପୋଡ଼ି ଆସିବା ପରେ ତାର ଗୋଟିଏ ସାଙ୍ଗ କେମିତି ଆଚ୍ଛନ୍ନ ଭଳି ହୋଇଗଲା । ମନକୁ ମନ ଖାଲି କହିବାକୁ ଲାଗିଲା, ସାଧୁ ମୋତେ ଡାକୁଛି । ସାଧୁ ମୋତେ ଡାକୁଛି । କହୁ କହୁ ପର ଦିନହିଁ ସେ ମରି ଗଲା । ସେ ବହୁତ ଭଲ କ୍ରିକେଟ ଖେଳୁଥିଲା ।

ଜଣେ ପ୍ରଶ୍ନ କରିଲେ, ଦାଦା, ଏହି ଭଳି ଆକସ୍ମିକଭାବରେ ଅଥବା ଅପଘାତରେ ମୃତ୍ୟୁ ହେଲେ, ପରଲୋକଗତ ଆତ୍ମା ଏହିପରି କ'ଣ ନିକଟ ବନ୍ଧୁ ବା ଆତ୍ମୀୟଙ୍କୁ ଡାକେ ?

ଦାଦା କହିଲେ, ଆମ୍ଭମାନଙ୍କ ଆଶ୍ରମରେ ଅମୂଲ୍ୟର ମୃତ୍ୟୁ ପରେ ମଦନକୁ ଡାକୁଥିଲା । ହାତ ବଢ଼େଇ ଦେଇ ସେ କହୁଥିଲା, ଚାଲି ଆ । ଆଉ ଟିକିଏ, ଆଉ ଟିକିଏ, ହଁ, ଏଇ ଆଉ ଟିକିଏ, ତେବେ ତୁ ମୋ ପାଖକୁ ଚାଲି ଆସିବୁ । ସେତେବେଳେ ମଦନଦା କେମିତି ସମ୍ମୋହିତ ପରି ହୋଇ ଯାଉଥିଲେ । କିନ୍ତୁ ସେତେବେଳେ ମନେ ମନେ ସବୁବେଳେ ମା - ମା କହି ମା'ଙ୍କୁ ଡାକୁଥିଲେ । ସେଇଥିଲେ ମଦନଦାଙ୍କ ଉପରେ

ପ୍ରେତାତ୍ମାର ସମ୍ମୋହନ ବା spell ଗ୍ଭଲି ଯାଏ ।

ଶୁଣୁ ଶୁଣୁ ଗୋପାଳ କହିଲେ, ଦାଦା, ଆମ ଦେଶର ଜଣେ ପରିଚିତ ଲୋକ ଥରେ ମନ ଦୁଃଖରେ ବେକରେ ଦଉଡି ଦେବ ବୋଲି ସ୍ଥିର କଲା । ସେ କହିଲା, ମୁଁ ବେକରେ ଦଉଡି ଦେଇ ମରିବି । ମୁଁ ନିଜେ ଦଉଡି ତିଆରି କରି ସେହି ଦଉଡି ଦେଇ ଆତ୍ମହତ୍ୟା କରିବି ।

ଏହା କହି ସେ ଗୋଟିଏ ଟାଣ ମୋଟା ଦଉଡି ତିଆରି କଲା । ତା'ର ଆତ୍ମୀୟମାନେ ସେତେବେଳେ ଡରିଯାଇ ସେହି ଦଉଡିଟିକୁ ଗ୍ଭେରି କରି ଲୁଚେଇ ଦେଲେ ।

ଲୋକଟି ସେତେବେଳେ ବିକଳ ହୋଇ ଖୋଜି ବୁଲୁଥିଲା ଆଉ କହୁଥିଲା, ମୋର ଦଉଡିଟା କେଉଁଠି ? କେଉଁଠି ଦଉଡିଟା ?

ଦିନେ ସନ୍ଧ୍ୟା ସମୟରେ spell ତାକୁ କହିଲା, ତୁ ଦଉଡିଟା ଖୋଜୁଛୁ ? ସେଇଠି ଦେଖ, ଘରର ସିଲିଂର ଉପରେ ହାଣ୍ଡି ଓଲେଟେଇ ରଖା ହୋଇଛି ତା'ଭିତରେ ଦଉଡିଟା ଲୁଚେଇ ରଖା ହୋଇଛି । ସିଲିଂରେ ଚଢ଼ି ଦେଖ, ତୋ ଦଉଡିଟା ପାଇଯିବୁ । ଠିକ୍ ସେହି ସ୍ଥାନରୁ ସିଲିଂର ଉପରେ ସେ ଦଉଡିଟାକୁ ଖୋଜି ପାଇଲା । ଆଉ ସେହି ଦିନହିଁ ସନ୍ଧ୍ୟାବେଳେ ବଗିଗ୍ଭର ପିଜୁଳି ଗଛରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କଲା ।

ଆଉ ଜଣେ କହିଲା, ଦାଦା, ମୋର ଦୂର ସମ୍ପର୍କର ଏକ ମାଉସିଙ୍କର ଗୋଟିଏ ଘଟଣା କହୁଛି । ଦିନେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ବହୁତ ଝଗଡ଼ା ହେଲା । ମାଉସୀ ମନେ ମନେ ଠିକ୍ କଲେ, ସେ ବେକରେ ଦଉଡି ଦେଇ ମରିବେ । ତା'ପରେ ତାଙ୍କର ଆତ୍ମହତ୍ୟା କରିବାର ଇଚ୍ଛା ଗ୍ଭଲିଗଲା । ସେ ନିଜେ ମୋତେ ଏହି କଥା କହିଥିଲେ ।

ମାଉସୀ ସନ୍ଧ୍ୟା ପରେ ରୋଷେଇ ଘରେ ରୋଷେଇ କରୁଥିଲେ, ସେତେବେଳେ ରୋଷେଇ ଘର ପଛରେ ବଗିଗ୍ଭ ଦିଗର ଝରକା ଦେଇ ବାହାର ପଟରୁ ଜଣେ କଳା ଲୋକ, ଗୋଟଏ ସାର ଦଉଡି ନେଇ ମାଉସୀଙ୍କୁ ଇସାରା କରି ଅନ୍ଧାରରେ ଡାକିଲା । କହିଲା, କିରେ ? ବେକରେ ଦଉଡି ଦେବୁ ପରା ? ଗ୍ଭଲି ଆ । କୌଣସି କଷ୍ଟ ହେବ ନାହିଁ । ଗ୍ଭଲି ଆ । ଏଇ ଦେଖ, ଏମିତି କରି ଦେବୁ । ଏହା କହି ଭୂତ ପରି କଳା ଲୋକଟା ଥରକୁ ଥର ତାଙ୍କୁ ଡାକିଲା । ଶେଷରେ କିଛିଦିନ ପରେ ସେହି ଛାୟାମୂର୍ତ୍ତି ଆଉ ଝରକାରେ ଆସିଲାନାହିଁ । ମାଉସୀ ରୋଷେଇ ଘରେ ଆଉ ଏକା ଏକା ରେଷେଇ କଲେନାହିଁ ।

ଦାଦା କହିଲେ, ଏହାସବୁ mental formation, strong suggestion ଠାରୁ ତିଆରି ହୁଏ । ଗୋଟିଏ ଘଟଣା ମୁଁ ଶୁଣିଛି । ଜଣେ ବିପ୍ଳବୀ ଗୋଟିଏ କୋଠାର ଏକ ନିର୍ଜନ କୋଠରୀରେ ଆତ୍ମଗୋପନ କରିଥିଲେ । କୋଠରୀର ସବୁ ଝରକା କବାଟ ବନ୍ଦ । କେବଳ ପଛରେ ବଗିଗ୍ଭ ଦିଗର ଗୋଟିଏ ଝରକା ଖୋଲା । ବିପ୍ଳବୀ ଲୁଚି ରହିଛନ୍ତି, କଣ ଆଉ କରିବେ, ସମୟ ବିତେଇବା ପାଇଁ ସେହି ଝରକା ଦେଇ ବଗିଗ୍ଭଆଡକୁ ଅନେଇ ବସି ରହୁଥିଲେ ।

ଦିନେ ସନ୍ଧ୍ୟାବେଳେ ଦେଖିଲେ, ଜଣେ ମହିଳା ଦେହସାରା ସୁନା ଗହଣା ପିନ୍ଧି, ଗୋଟିଏ ଦଉଡି ନେଇ ବଗିଗ୍ଭର ଗୋଟିଏ ଆମ୍ବ ଗଛ ତଳେ ଆସି ଛିଡ଼ା ହେଲା ।

ମହିଳାଟି ଦଉଡିଟିକୁ ଗୋଟିଏ ଡାଳରେ ଝୁଲେଇ ତାର ତଳେ ଆସି ଛିଡ଼ାହୋଇ ଭାବୁଛି

ଏବେ କ'ଣ କରିବି। ହୁଏତ କିଛିଟା ଦ୍ୱିଧା କିଛିଟା ଭୟ ମନରେ ଆସୁଥିଲା। ବଗିଚ୍ଚର ମାଳୀ ଏହା ଦେଖିବାକୁ ପାଇଲେ। ମହିଳାର ଦେହସାରା ସୁନାର ଗହଣା ଦେଖି ମାଳୀଟିର ଲୋଭ ହେଲା। ସେ ପାଖକୁ ଆସି କହିଲା, ଏହିଭଳି ବେକରେ ଦଉଡି ଦେବାକୁ ହୁଏ। ରୁହ ମୁଁ ତୁମକୁ ଦେଖାଇ ଦେଉଛି।

ବିପ୍ଳବୀ ଝରକା ବାଟେ ସବୁ ଘଟଣା ଦେଖୁଥାଆନ୍ତି। କିନ୍ତୁ ତାଙ୍କର ତ କିଛି କରିବାର ଉପାୟ ନାହିଁ। ପାଟି କଲେ ତାଙ୍କର ନିଜର ଧରା ପଡିବାର ଆଶଙ୍କା।

ମାଳୀଟି ଛିଡ଼ାହୋଇ ଦଉଡିରେ ଫାସ ପକାଇଲା। କେତେ ଗୁଡିଏ ଇଟା ଯୋଗାଡ କରି ଥାକ ଥାକ କରି ସଜାଇଲା। ସେଥିରେ ପାଦ ରଖି ଚଢ଼ିଲା ଫାସ ଭିତରେ ବେକ ପୁରେଇ କହୁଛି, ଏହିଭଳି ବେକରେ ଦଉଡି ଦିଅ। କହୁ କହୁ ମାଳୀଟିର ହଠାତ୍ ଗୋଡ଼ ହଲିଗଲା ଦଉଡିର ଫାସ ବେକରେ ଅଟକି ଝୁଲିବାକୁ ଲାଗିଲା। ପାଦ ତଳର ଇଟା ଗୁଡିକୁ ସବୁ ଘୁଞ୍ଚି ଯାଇଛି। ଝୁଲୁଥିବା ଲୋକଟି ସେତେବେଳେ ଛଟପଟ ହେଉଛି। ଏହା ଦେଖି ମହିଳାଟି ବହୁତ ଡରିଯାଇ ତତ୍କ୍ଷଣାତ୍ ଦୌଡ଼ି ପଳାଇଗଲା। ବିପ୍ଳବୀ ଝରକା ବାଟେ ସବୁକିଛି ଦେଖିଲେ। କିଛି ସମୟ ପରେ ଲୋକଟି ଏକଦମ ନିଃସାଡ଼ ନିସ୍ପନ୍ଦ ହୋଇ ଝୁଲିବାକୁ ଲାଗିଲା।

*ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ*
*ଅନୁବାଦ : ନୀତା*

●

## ମାତୃଭବନ ପତ୍ର ସମ୍ପର୍କରେ

**ନୂତନ ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା**
**ଆଜୀବନ (୨୦ ବର୍ଷ ବା ଉର୍ଦ୍ଧ୍ୱ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ଆସନ୍ତା ଜୁଲାଇ ମାସ ସୁଦ୍ଧା ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା (ଗତ ଏପ୍ରିଲ ସମ୍ମିଳନୀରେ ହୋଇଥିବା ସିଦ୍ଧାନ୍ତ ଅନୁଯାୟୀ ଏପ୍ରିଲ ମାସଠାରୁ ଲାଗୁହେଲା) ମାତ୍ର ଜୁନ୍ ମାସ ସୁଦ୍ଧା** ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କୌଣସି ଅଭିଯୋଗ ଥିଲେ **ମୋ: ୯୩୩୮୦୯୧୬୮୬**ରେ ଜଣାଇବାକୁ ଅନୁରୋଧ।

**ପରିଚାଳକ**

# ବୌଦ୍ଧ ମାର୍ଗ - ଏକ ଆଭାସ ପରିଚୟ

ବୁଦ୍ଧଙ୍କ ନାମ ଆମ ମନ ଭିତରେ ଆଣିଦିଏ କରୁଣା, ପ୍ରଶାନ୍ତି, ଜ୍ଞାନ ଓ ଆଲୋକର ଏକ ଅପରୂପ ଧ୍ୟାନମୂର୍ତ୍ତି । ଖ୍ରୀଷ୍ଟପୂର୍ବ ୬୨୩ର ବୈଶାଖ ପୂର୍ଣ୍ଣିମା ଦିନ ନେପାଳର ଶାକ୍ୟ ରାଜବଂଶରେ ସିଦ୍ଧାର୍ଥ ଗୌତମଙ୍କର ଜନ୍ମ ହୋଇଥିଲା । ରାଜକୀୟ ବିଳାସବ୍ୟସନ ଓ ସୁଖଭୋଗ- ଭିତରେ ଲାଳିତ, ଶାସ୍ତ୍ରଜ୍ଞାନ ଓ ବିଦ୍ୟାଧ୍ୟୟନରେ ପାରଦର୍ଶୀ, ଯୁଦ୍ଧବିଦ୍ୟାରେ ଧୁରନ୍ଧର ଏହି ରାଜକୁମାର ଯଥା ସମୟରେ ଏକ ସୁନ୍ଦରୀ ରାଜକୁମାରୀଙ୍କୁ ବିବାହ କରିଥିଲେ ଓ ଏକ ପୁତ୍ରସନ୍ତାନ ଲାଭ କରିଥିଲେ ।

କିନ୍ତୁ ଏ ସମସ୍ତ ପାର୍ଥିବ ସାଫଲ୍ୟ ଭିତରେ ମଧ୍ୟ ତାଙ୍କ କରୁଣାର୍ଦ୍ର ହୃଦୟରେ ଜରା, ମୃତ୍ୟୁ, ଶୋକ, ବ୍ୟାଧିଦ୍ୱାରା ଆକ୍ରାନ୍ତ ମନୁଷ୍ୟଜୀବନ ଓ ସଂସାରର ଅନିତ୍ୟତାର ପ୍ରଶ୍ନ ଅହରହ ଗଭୀର ଆଲୋଡ଼ନ ସୃଷ୍ଟି କରୁଥିଲା । ଏସବୁର ସ୍ଥାୟୀ ସମାଧାନ କ'ଣ, ଏହି ଜିଜ୍ଞାସାର ଉତ୍ତର ଖୋଜି ୨୯ବର୍ଷ ବୟସରେ ପୂର୍ଣ୍ଣଯୌବନାବସ୍ଥାରେ ସେ ରାଜସୁଖ ଓ ଭୋଗବିଳାସର ସମସ୍ତ ମୋହ ଓ ଆକର୍ଷଣ ଏଡ଼ିଦେଇ ନିଜ ପ୍ରିୟଜନମାନଙ୍କ ଅଜ୍ଞାତରେ ଗୃହତ୍ୟାଗ କରି ସନ୍ୟାସଜୀବନ ଗ୍ରହଣ କଲେ ।

ଏହାପରେ ଦୀର୍ଘ ୬ବର୍ଷ କାଳ କଠୋର ତପସ୍ୟା ଓ ନାନା କୃଚ୍ଛ୍ରସାଧନାରେ ରତ ରହିବା ଫଳରେ ତାଙ୍କର ଶରୀର ଅତ୍ୟନ୍ତ ଦୁର୍ବଳ ଓ ଅସ୍ଥିକଙ୍କାଳସାର ହୋଇପଡ଼ିଲା । କିନ୍ତୁ ତାଙ୍କ ଜିଜ୍ଞାସାର କୌଣସି ଉତ୍ତର ପାଇଲେ ନାହିଁ । ସେ ନିଜ ଅନୁଭୂତିରୁ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଏହିସବୁ କୃଚ୍ଛ୍ରସାଧନା ଦ୍ୱାରା ଶରୀରକୁ ଅଯଥା କଷ୍ଟ ଦେବାରେ ତାହା ସତ୍ୟଲାଭ ପଥରେ କୌଣସି ଦିଗରୁ ସହାୟକ ନହୋଇ ବରଂ ଘୋର ଅନ୍ତରାୟ ହୋଇଛି । ତେଣୁ ସେ ସାଧନାର ଏକ ମଧ୍ୟମ ପନ୍ଥା ଆବିଷ୍କାର କରି ତହିଁରେ ଦୃଢ଼ ରହିଲେ । ତାଙ୍କୁ ୩୫ ବର୍ଷ ବୟସରେ ଗଭୀର ଧ୍ୟାନରେ ନିମଗ୍ନ ଥିବା ସମୟରେ ଏକ ଶୁଭ ପ୍ରଭାତରେ ତାଙ୍କର ସତ୍ୟ ଲାଭ ହେଲା । ମାନବସମାଜ ପ୍ରତି ଅମିତ କରୁଣା ନେଇ ଦୀର୍ଘ ୪୫ ବର୍ଷ ଧରି ଲୋକମାନଙ୍କ ଭିତରେ ଉପଦେଶ ଓ ଦୃଷ୍ଟାନ୍ତ ଦ୍ୱାରା ନିଜର ଅନୁଭୂତ ସତ୍ୟର ପ୍ରଚାର କରିଥିଲେ ଓ ସେମାନଙ୍କୁ ଯଥାର୍ଥ ଶାନ୍ତି, ସତ୍ୟ ଓ ଆନନ୍ଦଲାଭର ପ୍ରକୃତ ମାର୍ଗ ଦେଖାଇଥିଲେ । ୮୦ ବର୍ଷ ବୟସରେ ତାଙ୍କର ମହାପ୍ରୟାଣ ହୋଇଥିଲା ।

ବୁଦ୍ଧ ତାଙ୍କର ଶିକ୍ଷାକୁ କୌଣସି ଗ୍ରନ୍ଥରେ ଲିପିବଦ୍ଧ କରିନାହାନ୍ତି । କିନ୍ତୁ ଆନନ୍ଦ ଓ ଉପାଲୀଙ୍କ ପରି ଯେଉଁ ଶିଷ୍ୟମାନେ ସର୍ବଦା ତାଙ୍କ ନିକଟରେ ରହି ତାଙ୍କର ଉପଦେଶ ଶୁଣୁଥିଲେ ସେମାନେ ନିଜ ସ୍ମୃତିରୁ ବିଶ୍ୱସ୍ତ ଭାବରେ ସେଗୁଡ଼ିକୁ ତାଙ୍କର ପରବର୍ତ୍ତୀ ଅନୁଗାମୀମାନଙ୍କୁ କହିଥିଲେ । ଏହିପରି ଭାବରେ ପୁରୁଷାନୁକ୍ରମିକ ଭାବରେ ତାହା ତାଙ୍କ ଶିଷ୍ୟମାନଙ୍କ ଭିତରେ ସ୍ମୃତି ଆକାରରେ ଜୀବନ୍ତ ରହିଥିଲା । ଖ୍ରୀଷ୍ଟପୂର୍ବ ୮୩ରେ ପ୍ରଥମ ଥର ପାଇଁ ସିଂହଳରେ ତ୍ରିପିଟକ ନାମରେ ଖ୍ୟାତ ବୌଦ୍ଧ ଧର୍ମର ପ୍ରଧାନ ଗ୍ରନ୍ଥରେ ଏଗୁଡ଼ିକୁ ତାଳପତ୍ରରେ ଲିପିବଦ୍ଧ କରାଗଲା ।

***ବିଶ୍ୱମ୍ଭର ସାମନ୍ତ***

## ଏବେବି ମନେପଡ଼େ.....

# ଆମ ବଗିଚା

ଆଜ୍ଞା ଏ ବଗିଚାଟି କରିଛି କିଏ ? ଡ: କବି ପ୍ରସାଦ ମିଶ୍ର କୌଣସି ଏକ କାର୍ଯ୍ୟରେ ମାତୃଭବନ ଆସି ମାତୃଭବନର ବଗିଚା ଦେଖି ପ୍ରଶ୍ନ କଲେ । ପୁଣି କହିଲେ, କେତେଜଣ ମାଳି ତ ନିଶ୍ଚୟ ଥିବେ । ମୁଁ କିଛି ଉତ୍ତର ଦେବା ପୂର୍ବରୁ ମୋ ସାଙ୍ଗରେ ଥିବା ଜଣେ ଅପା କହିଲେ, ଆମର କେହି ମାଳି ନାହାନ୍ତି । କବି ବାବୁ ମୋ ଆଡ଼କୁ ଚାହିଁ ପଚାରିଲେ, ମାଳି ନାହାନ୍ତି- ଏ ବଗିଚା କେମିତି ହେଲା ? ମୁଁ ବର୍ଣ୍ଣନା କଲି, ମାଳି ସିନା ନାହାନ୍ତି ମାତ୍ର ବଗିଚା ଦେଖିବା ଦାୟିତ୍ୱରେ ଯିଏ ଅଛନ୍ତି ସେ କେବଳ ମାଳି ନୁହନ୍ତି- ସେ ମାତୃଭବନର ଏକ ଅତ୍ୟନ୍ତ ଆବଶ୍ୟକୀୟ ବ୍ୟକ୍ତିତ୍ୱ ଯିଏ କି ଏକାଧାରରେ ଡ୍ରାଇଭର, ଇଲେକ୍ଟ୍ରିସିଆନ, ମାଳି, ପଶୁପକ୍ଷୀ ରକ୍ଷକ ଇତ୍ୟାଦି । ସବୁ ବିଷୟରେ ଧୁରନ୍ଧର ଏବଂ ପାରଙ୍ଗମ ମାତ୍ର ବଗିଚା ତା'ର Priority । ଏକ ଅସ୍ୱାଭାବିକ ମମତା ତା'ର ଫୁଲ ଏବଂ ଗଛ ପ୍ରତି । ସେ ହେଲା ଆମ ରବି ଭାଇ ।

ରବିଭାଇର ଜୀବନ କାହାଣୀ ବଡ଼ ବିଚିତ୍ର । ଲୋକମାନଙ୍କର ଭଲ ନାମ ରବି ଏବଂ ଡାକନାମ ବାବୁଲି ହୁଏ ମାତ୍ର ରବିଭାଇଙ୍କର ଭଲ ନାମ ବାବୁଲି ଲେଙ୍କା । ଘର ପୁରୀ ଜିଲ୍ଲା ସାକ୍ଷୀଗୋପାଳ ପାଖରେ । ମାତୃଭବନରେ ତା' ଆଗରୁ ପୂର୍ଣ୍ଣଭାଇ ରହୁଥିଲେ- ରବିଭାଇ ପୂର୍ଣ୍ଣଭାଇଙ୍କର ସମ୍ପର୍କୀୟ । ପୂର୍ଣ୍ଣଭାଇ ମାତୃଭବନର କାମ କରୁଥିବା ସମୟରେ ରବିଭାଇକୁ ସାଙ୍ଗରେ ଆଣିଲେ । ରବିଭାଇ ପ୍ରଥମେ ଯୋଗଦେଲା ମାତୃଭବନର Night watchman ଭାବରେ । ତା'ପରେ ପୂର୍ଣ୍ଣଭାଇ ସ୍କୁଲ ବସ୍ ଡ୍ରାଇଭର ହୋଇଗଲା । ରବିଭାଇ ତାଙ୍କ ସହିତ helper ଭାବରେ ଯୋଗଦେଲା । ପୁଣି ଧୀରେ ଧୀରେ ଗାଡ଼ି ଚଲାଇବା ଶିଖି ଗଲାପରେ ସେ ଗୋଟିଏ ସ୍କୁଲ ବସ୍ ଚଲାଇଲା । ସ୍କୁଲ ବସ୍ ଚଲାଇବା ସମୟରୁ ଇଲେକ୍ଟ୍ରିକ୍ କାମ କରିବା ଆରମ୍ଭ ହେଲା । ରବିଭାଇ ଅନ୍ୟ ସମୟରେ ସ୍କୁଲର ଯାବତୀୟ ଇଲେକ୍ଟ୍ରିକ ମରାମତି ଏବଂ କନେକ୍ସନ କରିବା ଆରମ୍ଭ କଲା । ସେଥିରେ ମଧ୍ୟ ଧୁରନ୍ଧର ହୋଇଗଲା । ପୁଣି ହଠାତ୍ ଏକ ନିଶା ଆରମ୍ଭ ହେଲା ଚଢ଼େଇ ତଥା ଅନ୍ୟାନ୍ୟ ପଶୁପକ୍ଷୀ ରଖିବା । ମାତୃଭବନରେ ଆଗେ ମୟୂର, ଠେକୁଆ, ପାରା, ଶୁଆ, ବିଭିନ୍ନ ପ୍ରକାର ବିଦେଶୀ ଚଢ଼େଇ, କୁକୁର, ମାଛ ଇତ୍ୟାଦି ଅନେକ ଜୀବଜନ୍ତୁ ମଧ୍ୟ ତା'ରି କୃତିତ୍ୱ । ଏବେ ମଧ୍ୟ ଅନେକ ସେଥିରୁ ଅଛନ୍ତି ।

ତା'ରି ମଧ୍ୟରେ କେବେ ରବିଭାଇ ମଧ୍ୟରେ ବଗିଚା କରିବା ପ୍ରତି ଏକ ଅସ୍ୱାଭାବିକ ମୋହ ଏବଂ ଆଗ୍ରହ ଆସିଲା । ତା'ପରେ ସେ ଲାଗିଗଲା ବଗିଚା କାମରେ । ଫୁଲକୁଣ୍ଡ ସଂଗ୍ରହ, ଗଛଚାରା ସଂଗ୍ରହ, ସାର, ଖତ ସଂଗ୍ରହ ଇତ୍ୟାଦି ତା'ର ଦୈନନ୍ଦିନ କାର୍ଯ୍ୟ ହୋଇଗଲା । ସ୍କୁଲର ପୁରାତନ ଛାତ୍ରଛାତ୍ରୀମାନେ ଯେଉଁମାନେ କୌଣସି ନା କୌଣସି ସ୍ଥାନରେ ଚାକିରୀ କରିଛନ୍ତି ସେମାନେ ସ୍କୁଲରେ ପହଞ୍ଚିଲେ ବଗିଚା ଦେଖି ବହୁତ ଖୁସୀ ହୁଅନ୍ତି- ରବିଭାଇ ସେମାନଙ୍କୁ କିଛି ଫୁଲ କୁଣ୍ଡ ମାଗେ । ସେମାନେ ବହୁତ ଆଗ୍ରହରେ ଫୁଲକୁଣ୍ଡ ପାଇଁ ଅର୍ଥ ଦେଇଥାନ୍ତି । ମାତୃଭବନରୁ ହୋଇଥିବା ଖର୍ଚ୍ଚଠାରୁ ଅନେକ ଅଧିକ ଅର୍ଥ ବଗିଚା ପାଇଁ ବାହାରୁ ମିଳେ । କାରଣ ବଗିଚାର ସୌନ୍ଦର୍ଯ୍ୟ ଦେଖିଲେ ଯେ କେହି ବି ମୁଗ୍ଧ ହୋଇଯାଆନ୍ତି ।

ରବିଭାଇର ହିସାବ ଅନେକ ବିଚିତ୍ର। ମାତୃଭବନରେ ୫୦୦୦ରୁ ଊର୍ଦ୍ଧ୍ୱ କୁଣ୍ଡ ସେ କରିଚି। ସବୁବେଳେ ୩/୪ ମାସ ଆଗକୁ ଦୃଷ୍ଟି ରଖି ସେ କାମ କରେ। ନୂଆବର୍ଷପାଇଁ ପ୍ରାୟ ୨୦୦୦ କୁଣ୍ଡ ସେ ୩ମାସ ଆଗରୁ ପ୍ରସ୍ତୁତ କରିଥିବ। ଠିକ୍ ଡିସେମ୍ବର ୩୦ ତାରିଖ ଦିନ ରାତ୍ରିରେ ସେ ସବୁ ଆଣି ରାସ୍ତା, ପଡ଼ିଆ, ବାରଣ୍ଡା, ସମାଧି ଚତୁଃପାର୍ଶ୍ୱ ସବୁ ସଜାଇ ଦେବ। ଫେବୃୟାରୀ ୨୫ ତାରିଖ ପର୍ଯ୍ୟନ୍ତ ସେସବୁ ରହିପାରୁଥିବ। ପୁଣି ଏପରି କୁଣ୍ଡ ସବୁ ତିଆରି ହୋଇଥିବ ଯେପରି ଏପ୍ରିଲ ସମ୍ମିଳନୀ ବେଳେ ସଜାହୋଇପାରିବ। ବର୍ଷବ୍ୟାପୀ ସବୁ ସମୟରେ ମାତୃଭବନରେ ସମାଧି ନିକଟରେ ସଜାହେବାପାଇଁ କୁଣ୍ଡ ଏବଂ ସମାଧି ସଜାହେବାପାଇଁ ଯେପରି ଯଥେଷ୍ଟ ଫୁଲ ହୋଇପାରିବ ଏଥିପାଇଁ ରବିଭାଇ ସବୁବେଳେ ସଚେଷ୍ଟ ଥାଏ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ରବିଭାଇର ଅନୁଭବ। ସେ ସବୁବେଳେ କହେ ମା'ଙ୍କ ପାଇଁ କାମ କଲେ କ୍ଳାନ୍ତି ଲାଗେ ନାହିଁ। ଦିନଦିନ ବ୍ୟାପୀ କାମ କରି କରି ଯେତେବେଳେ ଗଛରେ ଫୁଲ ଫୁଟେ ଏବଂ ସେ କୁଣ୍ଡ ସବୁ ସମାଧି ଚତୁଃପାର୍ଶ୍ୱରେ ଏବଂ ସମ୍ମୁଖରେ ରାସ୍ତାରେ ସଜାଇ ଦିଆଯାଏ ସେତେବେଳେ ତାର ଛାତି କୁଣ୍ଢେମୋଟ ହୋଇଯାଏ। ସବୁବେଳେ ସେ ଚିନ୍ତାକରେ ଯେମିତି ଫୁଲ ସମାଧିପାଇଁ ନିଅଣ୍ଟ ନହେଉ।

ରବିଭାଇର କାର୍ଯ୍ୟ ଆରମ୍ଭ ହୁଏ ସକାଳ ୫ଟାରୁ। ପ୍ରଥମେ କୁକୁରମାନଙ୍କୁ ଫିଟାଇ ପୁଣି ତାଙ୍କୁ ବାନ୍ଧିଦିଏ। ୫.୩୦ବେଳେ ସ୍କୁଲ ପିଲାଙ୍କୁ ଆଣିବାପାଇଁ ଗାଡ଼ି ନେଇଯାଏ। ସେଠାରୁ ଫେରି ବଗିଚାରେ ଲାଗିଯାଏ। ତାକୁ ସାହାଯ୍ୟ କରିବା ପାଇଁ ଗୋଟିଏ ଛୋଟ ପିଲା। ପୁଣି ଦିନ ସିଫ୍ଟ ପିଲାଙ୍କୁ ଆଣିବାପାଇଁ ୯ଟା ବେଳେ ଗାଡ଼ିରେ ଯାଏ। ୧୦.୩୦ରେ ଫେରି ପୁଣି କିଛି ସମୟ ବଗିଚା କାମ କରି ଗାଧୋଇ ଭୋଜନ କରେ। ତା'ପରେ ଚଢ଼େଇ ପ୍ରଭୃତିଙ୍କୁ ଖାଦ୍ୟ। ସେମାନଙ୍କର ଭଲ ମନ୍ଦ ବୁଝେ। ସେତିକିବେଳେ ସ୍କୁଲ ପିଲାଙ୍କର ଓ୍ୱାର୍କ ଏଡୁକେସନ ପିରିୟଡ଼ ଥାଏ। ସେମାନଙ୍କୁ ମଧ ଯେତେଦୂର ସମ୍ଭବ କାମରେ ଲଗାଏ। ପୁଣି ଗଛରେ ପାଣି ଦିଆ ଏବଂ ଅନ୍ୟାନ୍ୟ କାର୍ଯ୍ୟ। ସନ୍ଧ୍ୟା ୪.୪୦ରେ ସ୍କୁଲ ଛୁଟୀ ହୁଏ। ସେତେବେଳେ ପିଲାମାନଙ୍କୁ ଘରେ ଛାଡ଼ିବାକୁ ଯାଏ। ସେଠାରୁ ଫେରି ଧୁଆଧୋଇ ହୋଇ ପ୍ରତ୍ୟେକ ଦିନ ପାଠଚକ୍ରରେ ବସେ କିମ୍ବା କୌଣସି ଆବଶ୍ୟକତା ଥିଲେ ସାହାଯ୍ୟ କରେ। ଏକ ଅଦ୍‌ଭୁତ ତଥା ଆକର୍ଷଣୀୟ ବ୍ୟକ୍ତିତ୍ୱ। ନିଜପାଇଁ କେବେହେଲେ ଚିନ୍ତା କରିବା କେହି ଦେଖେ ନାହିଁ। ଅତ୍ୟଧିକ ପରିଶ୍ରମରୁ କିମ୍ବା ଅନ୍ୟ କୌଣସି କାରଣରୁ ଯଦି ଶରୀର ଟିକେ ଅସୁସ୍ଥ ଲାଗେ ସେ ଟିକେ ବ୍ୟସ୍ତ ହୋଇପଡ଼େ ଯେ କାମ କାଲେ କରିପାରିବନି। ମାତ୍ର ତା' ପାଇଁ କିଛି ବିଶ୍ରାମ ଦରକାର ବୋଲି ମା' ତାକୁ ମଝିରେ ମଝିରେ ଟିକେ ଅସୁସ୍ଥତା ଦିଅନ୍ତି। ତା' ନହେଲେ ସେ ବିଶ୍ରାମ ନେବନି। କେବଳ ମା'ଙ୍କ ପ୍ରତି ଶ୍ରଦ୍ଧା, ଅନୁରକ୍ତି ଏବଂ ବିଶ୍ୱାସ ପାଇଁ ରବିଭାଇ ଏ କାମ କରିପାରେ। ଯେତେବେଳେ କେହି ତାକୁ ପଚାରେ ତୁମେ ଏତେ ସୁନ୍ଦର ବଗିଚା କେମିତି କରିଚ ? ସେ ସାଙ୍ଗେ ସାଙ୍ଗେ କହେ- ମୁଁ କ'ଣ କରିଛି- ମା' କରିଛନ୍ତି।

ଏହା ତା'ର ବାସ୍ତବିକ ଅନୁଭବ। କାରଣ ବଗିଚା ସମ୍ବନ୍ଧରେ ସାମାନ୍ୟତମ ଜ୍ଞାନ କିମ୍ବା ଧାରଣା ନଥାଇ ଏପରି ଏକ ବଗିଚା ସୃଷ୍ଟି କରିବା କେବଳ ମା'ଙ୍କ କୃପା ବ୍ୟତୀତ କିଛି ନୁହେଁ।

***ପ୍ରସାଦ ତ୍ରିପାଠୀ***

●

# ସ୍ମୃତି ସମାଚାର
## ପ୍ରପତ୍ତିଙ୍କ ପଚାଶବର୍ଷ

ମୁଁ ଆମରି ପ୍ରିୟ ପ୍ରପତ୍ତିଙ୍କ କଥା କହୁଛି । ଆମ ସମସ୍ତ ମାତୃସନ୍ତାନମାନଙ୍କର ବଡ଼ଭାଇ ଅଧ୍ୟାପକ ପ୍ରପତ୍ତିଙ୍କ କଥା କହୁଛି । ସ୍ପେସାଲ ଓଡ଼ିଶା ପାଇଁ ନିଜ ହାତରେ ପ୍ରସ୍ତୁତ କରିଥିବା ସ୍ପେସାଲ ଯନ୍ତ୍ର ପ୍ରପତ୍ତିଙ୍କ କଥା କହୁଛି । ଆମର ସବୁରି ପ୍ରିୟ- ପରମ ପ୍ରିୟ ବାବାଜି ମହାରାଜଙ୍କ ଦିବ୍ୟ ଯୋଡ଼ିଙ୍କ କଥା କହୁଛି । ଆଜି ହେଉଛି ଗୋଟିଏ ବିଶେଷ ସ୍ମୃତିଚାରଣ ଦିବସ ବୋଲି ମୋତେ ପି.ଶଙ୍କର ରାଓ- ପ୍ରପତ୍ତିଙ୍କର ବିଶ୍ୱସ୍ତ ସେବକ ମନେ ପକାଇ ଦେଲେ । ମନକୁ ମନ ଭାବିଲି, "ସତେତ ! ଆଜି ସତେ କେଡ଼େ ବଡ଼ ମହାନ୍ ଦିବସ ! ଠିକ ଆଜିକୁ ପଚାଶ ବର୍ଷ ତଳେ ଏଇ ଏପ୍ରିଲ ୩୦ ତାରିଖରେ ପ୍ରପତ୍ତି ତାଙ୍କର ଶୁଭ ଜନ୍ମ ଦିବସରେ ମା'ଙ୍କୁ ପ୍ରଣାମ ଜଣାଇବାକୁ ମା'ଙ୍କ ରୁମକୁ ଯିବା ଅବସରରେ ମା' ପ୍ରପତ୍ତିଙ୍କୁ "ପ୍ରପତ୍ତି" ନାମକରଣ କରିଥିଲେ ।" ତାହା ପୂର୍ବରୁ ପ୍ରପତ୍ତିଙ୍କ ପିତୃମାତୃ ଦତ୍ତ ନାମ ଥିଲା କାଙ୍ଗାଳି ଚରଣ ପତି । ଶିକ୍ଷା ବିଭାଗରେ ସମସ୍ତେ ତାଙ୍କୁ କେ.ସି. ପତି ବୋଲି ଜାଣିଥିଲେ । ୧୯୬୦ ମସିହା ଏପ୍ରିଲ ୩୦ ତାରିଖରୁ ସାରା ମାତୃଜଗତରେ ସମସ୍ତେ ତାଙ୍କୁ ପ୍ରପତ୍ତି ବୋଲି ଜାଣିଲେ ।

"ପ୍ରପତ୍ତି"ର ଅର୍ଥ ହେଲା ସମର୍ପିତ । ପ୍ରକୃତରେ ସେ ମା'ଙ୍କ ଶ୍ରୀପଦାରବିନ୍ଦରେ ଯେପରି ଭାବରେ ନିଜକୁ ସମର୍ପଣ କରି ଦେଇଥିଲେ ତାହା ଖାଲି ଓଡ଼ିଶାବାସୀ କାହିଁକି ସମଗ୍ର ଆଶ୍ରମବାସୀ ଏବଂ ସମଗ୍ର ଭାରତରେ ଜଣାଶୁଣା ମହଲ କେହିବି ଭୁଲି ପାରିବେ ନାହିଁ । ମା'ଙ୍କ ପାଇଁ, ମା'ଙ୍କ ସେବା ପାଇଁ, ମା'ଙ୍କ ପାଇଁ ସେ ଯେପରି ଭାବରେ ସମଗ୍ର ଜୀବନକୁ ତିଳ ତିଳ କରି ବିସର୍ଜନ କରି ଯାଇଛନ୍ତି ଏହାଠାରୁ ଆଉ ବଳିଷ୍ଠ ଉଦାହରଣ କ'ଣ ହୋଇପାରେ ? ଏହାଠାରୁ ବଳି ଆଉ ମହତ୍ତମ ସମର୍ପଣ କ'ଣ ହୋଇପାରେ । ତାଙ୍କର ତ୍ୟାଗ, ତାଙ୍କର ଆଦର୍ଶ, ତାଙ୍କର ଜ୍ଞାନ, ତାଙ୍କର ନେତୃତ୍ୱ, ତାଙ୍କର ଗୁରୁଗମ୍ଭୀର ଭାଷା, ତାଙ୍କର କାର୍ଯ୍ୟକଳାପ, ତାଙ୍କର କର୍ମଦକ୍ଷତା, ତାଙ୍କର ସୁବୃହତ୍ ସଙ୍ଗଠନ ଶକ୍ତି, ତାଙ୍କର ଏକନିଷ୍ଠ ସାଧନା ସବୁ ଭିତରେ କେବଳ ଶ୍ରୀମା ଶ୍ରୀଅରବିନ୍ଦ ହିଁ ଫୁଟି ଉଠୁଥିଲେ । ଆଜିର ଦିନଟି ଆମର ସମସ୍ତଙ୍କର ନିଜକୁ ନିଜେ ସମୀକ୍ଷା କରିବାର ଦିବସ ହୋଇଉଠୁ । ଆମେ ଯେପରି ଶ୍ରୀମା ଶ୍ରୀଅରବିନ୍ଦଙ୍କର ଆହୁରି ଅଧିକରୁ ଅଧିକ ଯୋଗ୍ୟ ସନ୍ତାନ ହୋଇଉଠିବା । ଶ୍ରୀମା ଶ୍ରୀଅରବିନ୍ଦହିଁ ଆମର ଜୀବନର ସର୍ବସ୍ୱ ହୋଇ ଉଠନ୍ତୁ । ବନ୍ଦେମାତରଂ ।

ମଧୁସୂଦନ ମିଶ୍ର

●

# ଶତବାର୍ଷିକୀ ଆହ୍ୱାନ

(ପୂର୍ବ ପ୍ରକାଶିତ ଉତ୍ତାରୁ...) "ଆମ୍ଭମାନଙ୍କୁ କାର୍ଯ୍ୟ ଦିଆଯାଇଛି ଆମ୍ଭେମାନେ କିନ୍ତୁ ଯନ୍ତ୍ର ଆମ୍ଭେମାନେ ଯାହାସବୁ ସୃଷ୍ଟି କରୁଛୁ ତାହା ଆମ୍ଭମାନଙ୍କର ନୁହେଁ।" -ସାବିତ୍ରୀ

କାହାର ? "କର୍ମ ବ୍ରହ୍ମୋଦ୍ ଭବଂ ବିଦ୍ଧି" - କର୍ମ ସବୁବେଳେ ଭଗବାନଙ୍କର।

ସରଳ ନିରାଡ଼ମ୍ବର ମଧ୍ୟଇଂରାଜୀ ବିଦ୍ୟାଳୟ ଶିକ୍ଷକ ଜଣେ ଡମ୍ବରୁଧର ସାହୁ ଦେବଗଡ଼ ଅଞ୍ଚଳର। ଏହି ରାଜ୍ୟଟି ମଧ୍ୟ ପଡ଼ିଆ ଅଞ୍ଚଳ। ବହୁପୂର୍ବରୁ ରାଜବାଟୀରେ ପାଠଚକ୍ର ଥିଲା। ତାପରେ କର୍ମୀମାନଙ୍କ ଅଭାବ ପଡ଼ିଲା। ଡମ୍ବରୁ ଭାଇ ଶ୍ରୀଅରବିନ୍ଦ ପାଠଚକ୍ର ଜିଲ୍ଲା ଆବାହକ ହେଲେ ସିନା, ତାଙ୍କ ନିଜ ରହିବା ଘର କୁଚିଣ୍ଡା। ସେ ଜଣେ ଭଲ ଶିକ୍ଷକ। ବାବାଜି ମହାରାଜଙ୍କ ପାଖକୁ ଚିଠିଦେଇ ଆଶୀର୍ବାଦ ପୁଷ୍ପ ଆଣନ୍ତି। ସରଳ ଲୋକମାନେ ପ୍ରଥମେ କ'ଣ କରିବେ ବାଟ ପାଆନ୍ତି ନାହିଁ। ଡମ୍ବରୁ ଭାଇ ପଚାରିଲେ, "ମୁଁ କ'ଣ କରିବି"। କହିଲି, "ଆପଣଙ୍କୁ ବହୁତ ସ୍ୱାର୍ଥପର ହେବାକୁ ହେବ ଏବଂ ସାରା ଜିଲ୍ଲାରେ ମା'ଙ୍କ କାର୍ଯ୍ୟ ବଢ଼ିଯିବ।" ସ୍ୱାର୍ଥପର ଶବ୍ଦଟି ଏପରି ଶ୍ରୁତିକଟୁ ଶବ୍ଦ ଯେ ସେ କିଛି ବୁଝିପାରିଲେ ନାହିଁ। ଭାବିଲେ ଅନାଦି ଭାଇ ଖିଆଲରେ ଏମିତି କହି ଦେଇଥିବେ। ପୁଣି ଚିଠି ଦେଲେ, "ମୁଁ କ'ଣ କରିପାରିବି ନିର୍ଦ୍ଦିଷ୍ଟ ଭାବରେ ଲେଖନ୍ତୁ।" ସେଥରବି ଉତ୍ତର ଦେଲି, "ପ୍ରଥମେ ଆପଣଙ୍କୁ ବହୁତ ସ୍ୱାର୍ଥପର ହେବାକୁ ହେବ। ତା'ପରେ ମା'ଙ୍କ କାର୍ଯ୍ୟ ନିଶ୍ଚୟ ଆଗେଇ ଚାଲିବ।" କିଣ୍ଡିରାରେ ଦେଖାହେଲା। କହିଲେ, "ମୋତେ କିଛି କାର୍ଯ୍ୟଧାରା ବିଷୟରେ କହୁନାହାନ୍ତି ?" ମୁଁ ହସି ହସି କହିଲି, "ଡମ୍ବରୁ ଭାଇ! ସମାଧିରେ ପ୍ରଣାମ କରିବେ, କହିବେ ଆଉ ଦେବଗଡ଼ ଜିଲ୍ଲା ବାହାରକୁ ମୋ ଗୋଡ଼ ପଡ଼ିବ ନାହିଁ। ଏହା ହେଲା ସ୍ୱାର୍ଥପରତା ଯେ ଦେବଗଡ଼ ଜିଲ୍ଲା ଆବାହକ ଦେବଗଡ଼ ଜିଲ୍ଲାରେ ରହିବେ। ଦେବଗଡ଼ ଜିଲ୍ଲା ସୀମା ଅତିକ୍ରମ କରିବେ ନାହିଁ। ଦେବଗଡ଼ ପାଇଁ ପ୍ରାର୍ଥନା କରିବେ। ମା'ଙ୍କୁ ଚିଠି ଲେଖିବେ। ଦେବଗଡ଼ରେ କିଏ କିଏ ଆଗ୍ରହୀ ବ୍ୟକ୍ତି ଅଛନ୍ତି ତାଙ୍କ ଠିକଣା ନେଇ ତାଙ୍କ ସାଥୀରେ ମିଶିବେ। ଶନିବାର ରିବିବାର ନୂଆ ନୂଆ ଗାଁକୁ ଯାଇ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ କହିବେ। ଜିଲ୍ଲା ମାନଚିତ୍ର, ବ୍ଲକ ମାନଚିତ୍ର, ବଡ଼ ବଡ଼ ଗାଁ, ମୁଖିଆ ମୁଖିଆ ଲୋକଙ୍କୁ ଭେଟିବେ। ଯେତେବେଳେ ଦରକାର ମୋତେ ଡାକିବେ। ମୁଁ ନିଶ୍ଚୟ ଆସିବି।" ଡମ୍ବରୁ ଭାଇ ସ୍ୱାର୍ଥପର ଶବ୍ଦଟା ବୁଝିଗଲେ। ସେହି ବର୍ଷ ତିଲେଇବଣୀ ଚେୟାରମ୍ୟାନ୍ ପ୍ରସନ୍ନ ପଟେଲ, ଗ୍ରାମସେବକ ଟିକେଶ୍ୱର ସାହୁ, ବାରକୋଟ, ତାଙ୍କ ମଇତ୍ର ହରେକୃଷ୍ଣ- କାହିଁ ବାରକୋଟଠାରୁ ସୁଦୂର ଜମନକିରା ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ବିଜୟନଗରରେ ଯୁବଛାତ୍ର ଶିବିର ଆୟୋଜିତ ହେଲା।

**(କ୍ରମଶଃ)**

***ଅନାଦି ଚରଣ ସ୍ୱାଇଁ***

# ପରମପ୍ରଭୁଙ୍କ ଜୟଯାତ୍ରା
## (୪)

ଆଜି ଦଶତାରିଖ। ରବିବାର। ଆଜି ପରମପ୍ରଭୁଙ୍କ ପବିତ୍ର ଦେହାଂଶ ଯାତ୍ରା କରିବେ ନୂଆପାଟଣା। କାହିଁ କେଉଁ ଯୁଗରୁ, ବାବାଜି ମହାରାଜ ଥିବା ସମୟରୁ ବକ୍ସ ପାଇଁ ଟଙ୍କା ଦାଖଲ କରାଯାଇଥିଲା। ମାତ୍ର ସେଥିପାଇଁ ଆବଶ୍ୟକୀୟ ପ୍ରସ୍ତୁତିରେ ବିଳମ୍ବ ହୋଇଯାଇଛି। ମା'ଙ୍କର ପରମ କୃପା ଚଳିତ ବର୍ଷ ଆଠୋଟି ସ୍ଥାନ ମଧ୍ୟରୁ ନୂଆପାଟଣା ଗୋଟିଏ ସ୍ଥାନ ହାସଲ କରିଛି। ବିନୟଭାଇ ନିଜର ସମସ୍ତ କର୍ମୀମାନଙ୍କ ସହିତ ବର୍ଷକ ଆଗରୁ ପ୍ରସ୍ତୁତ ହୋଇଛନ୍ତି। ଧୀରେ ଧୀରେ ସମାଧି ମନ୍ଦିର ଏବଂ ତତ୍ ସଂଲଗ୍ନ ସମସ୍ତ ସ୍ଥାନକୁ ପ୍ରସ୍ତୁତ କରାଗଲା। ଅନେକ ଥର ସେଠାକୁ ପ୍ରସ୍ତୁତି ବୈଠକରେ ଯିବାକୁ ହୋଇଛି। ପ୍ରତ୍ୟେକ ଥର ପୂର୍ବଥର ଠାରୁ ଅଧିକ କିଛି ଆଗେଇ ଯାଇଥାଏ। ଆଜି ଆସିବେ ପରମପ୍ରଭୁ କଟକରୁ। ମାତୃଭବନରୁ ବାହାରିବେ। ରବିବାର ସକାଳ। ସେଦିନ ମାତୃଭବନ ସ୍କୁଲ କଲେଜ ଛୁଟୀ। ମାତ୍ର ଭକ୍ତମାନେ ସମସ୍ତେ ଏବଂ ଅନେକ ଛାତ୍ରଛାତ୍ରୀ ତଥା ଶ୍ରୀଅରବିନ୍ଦ କଳାକେନ୍ଦ୍ରର ଛାତ୍ରଛାତ୍ରୀମାନେ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସକାଳୁ ଆସିଯାଇଥାନ୍ତି। ସେଦିନର ଅତିଥି ଉଚ୍ଚଶିକ୍ଷା ବିଭାଗ ମାନ୍ୟବର ମନ୍ତ୍ରୀ ମହୋଦୟ ଶ୍ରୀ ଦେବୀ ମିଶ୍ର। ସେ ସକାଳୁ ପହଞ୍ଚିବା କଥା ମାତ୍ର କୌଣସି କାରଣରୁ ବିଳମ୍ବ ହେଉଥାଏ। କଟକର ଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ମହାନ୍ତି ଏବଂ ତାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ମଧ୍ୟ ସମସ୍ତେ ଆସି ଅପେକ୍ଷା କରିଥାନ୍ତି। ଯଦିଓ ଆମର ସକାଳ ୭ଟାରୁ ବାହାରିବା କଥା ତଥାପି ଭୀଷଣ ଥଣ୍ଡା କାରଣରୁ ଟିକିଏ ବିଳମ୍ବ କରି ୭.୩୦ରେ ବାହାରିବା ପାଇଁ ସିଦ୍ଧାନ୍ତ କରାଗଲା। ସେଦିନ ପୋଲିଓ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଠିକ୍ ୮ଟାରେ ଉଦ୍‌ଘାଟନ କରିବା କଥା। ତେଣୁ ସେ ଅଗତ୍ୟା ୮ଟା ବେଳେ ଫେରିଗଲେ। କିଛି ସମୟ ପରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଦେବୀ ମିଶ୍ର ଆସି ମାତୃଭବନରେ ପହଞ୍ଚିଲେ। କଟକ ବାରବାଟି ବିଧାୟକ ଶ୍ରୀ ଦେବାଶିଷ ସାମନ୍ତରାୟ ମଧ୍ୟ ଆସି ଯଥେଷ୍ଟ ଆଗରୁ ଉପସ୍ଥିତ ଥାଆନ୍ତି। ସେଦିନ ମାଉସୀ ଶ୍ରୀମତୀ ଶଶୀପ୍ରଭା ସାମନ୍ତରାୟ ମନ୍ତ୍ରୀଙ୍କ ହାତରେ ପବିତ୍ର ଦେହାଂଶ ଦେବା କାର୍ଯ୍ୟକ୍ରମ ଥାଏ। ସମସ୍ତେ ଅନେକ ଆଗରୁ ପ୍ରସ୍ତୁତ ଥାଉ।

ଠିକ୍ ୮.୩୦। ପୁଷ୍ପା ସାମଲ (ରୁନୁ) ମା'ଙ୍କ କୋଠରୀରେ ବ୍ୟାକୁଳ ହୋଇ ଅପେକ୍ଷା କରିଥାଏ। ଭୁପାଲ ଭାଇ ଆଗରୁ ଆସି ନୂଆପାଟଣା ପାଇଁ ଉଦ୍ଦିଷ୍ଟ ପବିତ୍ର ଦେହାଂଶ ପାତ୍ରକୁ ସ୍ୱତନ୍ତ୍ର ଭାବରେ ଅଲଗା କରି ରଖିଦେଇଥାନ୍ତି। କିଛି ସମୟ ନିରବ ଧ୍ୟାନ ପରେ ରୁନୁ ପବିତ୍ର ଦେହାଂଶ ପାତ୍ରକୁ ମାଉସୀଙ୍କ ହାତକୁ ଟେକି ଦେଲେ। ମାଉସୀ ଅନେକ ଅସୁସ୍ଥତା ସତ୍ତ୍ୱେ ସେଦିନ ଖୁବ୍ ଖୁସୀ ଏବଂ ପ୍ରଫୁଲ୍ଲ ଦିଶୁଥାନ୍ତି। ମଠା ଚାଦରଟିଏ ଘୋଡ଼ାଇ ହୋଇ ମାଉସୀ ଧୀରେ ଧୀରେ ପବିତ୍ର ଦେହାଂଶଙ୍କୁ ଧରି ମାତୃଭବନର ସମାଧି ସମ୍ମୁଖରେ ଉପନୀତ ହେଲେ ସେଠାରେ ଅପେକ୍ଷାରତ ମାନ୍ୟବର ମନ୍ତ୍ରୀ ଶ୍ରୀ ଦେବୀ ମିଶ୍ର। ଗ୍ରହଣକଲେ ମାଉସୀଙ୍କ ହାତରୁ ପବିତ୍ର ଦେହାଂଶଙ୍କୁ। ଦୁଇପଟେ ଅପେକ୍ଷା କରିଥିବା ଭକ୍ତମଣ୍ଡଳୀ ହାତଟିମାନ ବଢ଼େଇ ସ୍ପର୍ଶ କରୁଥାନ୍ତି

ପରମ ପ୍ରଭୁଙ୍କୁ । ମନ୍ତ୍ରୀ ମହୋଦୟ ଓହ୍ଲାଇଗଲେ ରାସ୍ତାକୁ- ପୋଲିସ ବାହିନୀ ପ୍ରସ୍ତୁତ । ସମ୍ମାନ ଜଣାଇଲେ ପୋଲିସ ବାହିନୀ ପରମପ୍ରଭୁଙ୍କୁ ଏବଂ ତା'ପରେ ମନ୍ତ୍ରୀ ମହୋଦୟ ପବିତ୍ର ଦେହାଂଶଙ୍କୁ ଧରି ପୁଷ୍ପ ସୁସଜ୍ଜିତ ହୋଇଥିବା ଗାଡ଼ିର ଆଗ ସିଟ୍‌ରେ ବସିପଡ଼ିଲେ । ଅପରୂପ ଶୋଭାରେ ପରିପୂର୍ଣ୍ଣ ସେ ଦୃଶ୍ୟ । ରବିବାର ଯୋଗୁଁ ଅନେକ ଲୋକ । ବନ୍ଦେମାତରମ୍ ଗାଡ଼ି, ତା' ଆଗରେ ପୋଲିସ ଭ୍ୟାନ୍, ପଛରେ ପୋଲିସ ଏସ୍କର୍ଟ- ପୁରା ପଟୁଆର ଧରି ପବିତ୍ର ଦେହାଂଶ ଚାଲିଲେ- ନୂଆପାଟଣା । ପଛରେ ପିଲାମାନେ ବଢ଼ାଇଥିବା ହାତଟିମାନ ଦିଶୁଥାଏ ଏବଂ ମାତୃଭବନର ଛାତରେ ଲାଗିଥିବା ବ୍ୟାନର ଦିଶୁଥାଏ- Let Thy Will be done. ଆଉ ଆଗରୁ ଶୁଭୁଥାଏ ବଜ୍ରନିନାଦ ସ୍ୱରରେ ବନ୍ଦେମାତରମ୍- ସୁଜଳାଂ ସୁଫଳାଂ ମଳୟଜ ଶୀତଳାଂ ଶସ୍ୟ ଶ୍ୟାମଳାଂ ମାତରମ୍ ।

ଗାଡ଼ିମାନେ ନିୟମିତ ଏବଂ ଶୃଙ୍ଖଳିତ ଧାରାରେ ଗୋଟିଏ ପରେ ଗୋଟିଏ ଚାଲିଥାନ୍ତି । ଜାତୀୟ ରାଜପଥ ଉପରକୁ ଉଠିଲା ବେଳକୁ ସେହି ଥଣ୍ଡାରେ ମଧ୍ୟ ରାସ୍ତାରେ ବେଶ୍ କିଛି ଲୋକ ଉପସ୍ଥିତ ହୋଇ ହାତ ହଲାଉଥାଆନ୍ତି । ଖୋଲା ଜିପ୍‌ଟି ପୁଷ୍ପ ସଜ୍ଜିତ ହୋଇ ରିଲିକ୍ସ କାର ପଛେ ପଛେ ଆସୁଥାଏ । ରିଲିକ୍ସ କାରରେ ଯଥାରୀତି ଆଗରେ ମାନ୍ୟବର ମନ୍ତ୍ରୀ ମହୋଦୟ ଏବଂ ପଛରେ ଭୁପାଲ ଏବଂ ମୁଁ । ପରେ ପରେ ବାକି ସବୁ ଗାଡ଼ିଗୁଡ଼ିକ ।

ପ୍ରଥମେ ଚୌଦ୍ୱାର । ସେଠାରେ ଅନେକ ଦିନ ଧରି ଗୋଟିଏ ପାଠଚକ୍ର ଗୃହ କରିବା ଉଦ୍ଦେଶ୍ୟରେ ଭାଇମାନେ ଉଦ୍ୟମ ଜାରି ରଖିଛନ୍ତି । ମା'ଙ୍କ କୃପାରୁ ଯେତେଶୀଘ୍ର ସମ୍ଭବ ଗୋଟିଏ ଘର ହୋଇପାରେ । ସକାଳ ଥଣ୍ଡାରେ ମଧ୍ୟ ସ୍ଥାନୀୟ ସମସ୍ତ ମାତୃସନ୍ତାନମାନେ ଫୁଲ ସମ୍ଭାର ସହିତ ଉପସ୍ଥିତ । ମାନ୍ୟବର ମନ୍ତ୍ରୀ ଦେବୀ ମିଶ୍ର ଗ୍ରହଣ କଲେ କାରଭିତରୁ ସମସ୍ତଙ୍କଠାରୁ ପୁଷ୍ପ । ବନ୍ଦେମାତରମ୍ ଚାଲିଥାଏ । ମା'ଙ୍କର ବିଜୟର ଧ୍ୱନୀ ସହିତ ତାଳ ମିଳାଇ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଆଗ୍ରହ, ଉତ୍ସାହ ମଧ୍ୟ ଭରପୁର ଦିଶୁଥାଏ । ସେତେବେଳକୁ ଆମର କିଛି ବିଳମ୍ବ ହୋଇସାରିଥାଏ । ତେଣୁ ବେଶୀ ସମୟ ଅଟକିବା ସମ୍ଭବପର ନୁହେଁ । କିଛି ସମୟ ଯିବାପରେ ହଠାତ୍ ମନ୍ତ୍ରୀ ମହାଶୟ ଦେବାଶିଷ ଭାଇଙ୍କୁ ଗାଡ଼ିରେ ବସିବାକୁ ଅନୁରୋଧ କଲେ । ମତେ ସୁଯୋଗ ମିଳିଲା ପଛରେ ଆସୁଥିବା ଖୋଲାଜିପ୍‌ରେ ଛିଡ଼ା ହେବାପାଇଁ । ଲଳିତ ଭାଇ ଆଶ୍ରମରୁ ଆସିଥାନ୍ତି । ଏକ ବିରାଟ ବ୍ୟକ୍ତିତ୍ୱ । ବାସ୍ତବିକ ବିରାଟ । ଶରୀରରେ ଯେପରି ବିରାଟ, ଆଚରଣ ଏବଂ କଥାବାର୍ତ୍ତା ସବୁଥିରେ ବିରାଟ । ଗତକାଲି ମଧ୍ୟ ସେ ସାଙ୍ଗରେ ପୁରାପୁରି ଥାଇ କଟରାର ସବୁ ଫଟୋ ଉଠାଉଥିଲେ । ବିଶ୍ୱାସ କରୁନଥାନ୍ତି ସତରେ ଏତେ ଲୋକ ଏବଂ ଏତେ ଉତ୍ସାହ । ମଝିରେ ମଝିରେ କହୁଥାନ୍ତି-Seeing is believing. ଅର୍ଥାତ ଦେଖ ଏବଂ ବିଶ୍ୱାସ କର । ଶୁଣି କରି ନୁହେଁ । ପଣ୍ଡିଚେରୀ ଆଶ୍ରମରେ ଅଯଥା ଅପପ୍ରଚାର ଯେ ଓଡ଼ିଶାରେ ପରମପ୍ରଭୁଙ୍କ ଦେହାଂଶ ପ୍ରତି ସେପରି ଶ୍ରଦ୍ଧା, ସମ୍ମାନ ନାହିଁ । ଉତ୍ତରରେ ସେ କହୁଥାନ୍ତି- କିଛି ଶୁଣନି, ନିଜେ ଆସ, ଦେଖ ଏବଂ ବିଶ୍ୱାସ କର । ଗାଡ଼ିଗୁଡ଼ିକ ଖୁଣ୍ଟୁଣୀ ଟପି ଆଠଗଡ଼ ରାସ୍ତାରେ ଚାଲିଲେ । ରାଧାକିଶୋରପୁର ପାଖରୁ ମଟର ସାଇକେଲ ପ୍ରସେସନ । ଆଗରେ ବାହାରିଗଲେ ପ୍ରାୟ ୬୭ଟି ମଟରସାଇକେଲ ଓ ୬୭ଜଣ ତରୁଣ । ଅପୂର୍ବ ସେ ଦୃଶ୍ୟ । ମାତୃପତାକା ହାତରେ ଧରି ରାସ୍ତାର

ଦୁଇକଡ଼ରେ ଦୁଇଧାଡ଼ି ହୋଇ ରିଲିକ୍ସ ଆଗରେ ଚାଲିଥାନ୍ତି। ପ୍ରଥମେ କୁଲେଇଲୋ କବିରାଜ ଦେବଭାଇଙ୍କ ହାଡ଼ଭଙ୍ଗା ଚିକିତ୍ସାଳୟ। ଦେବଭାଇ ନିଜେ ଫୁଲ ମାଳଟିଏ ଧରି ଛିଡ଼ା ହୋଇଥାନ୍ତି। ମନେପଡ଼େ ପ୍ରଣବଦାଙ୍କ ଅଣ୍ଟା ଏବଂ ଗୋଡ଼ରେ ତେଲ ମ୍ୟାସେଜ୍ କରିବା ପାଇଁ ଦେବଭାଇଙ୍କୁ ସାଙ୍ଗରେ ନେଇ ପଣ୍ଡିଚେରୀ ଯାଇଥିଲି। ପ୍ରଭୁଙ୍କୁ ପ୍ରଣାମ କରି ଦେବଭାଇ ବଢ଼ାଇଦେଲେ ଫୁଲମାଳଟିକୁ ପବିତ୍ର ଦେହାଂଶଙ୍କ ପାଇଁ। ଆଦରରେ ଗ୍ରହଣ କଲେ ମାନ୍ୟବର ମନ୍ତ୍ରୀ। ଗାଡ଼ି ଚାଲିଲା। ତାପରେ ଦୋରଡ଼। ସେଠାରେ ଅଶୋକ ଭାଇ ପ୍ରଭୃତି ପ୍ରସ୍ତୁତ। ପ୍ରଭୁଙ୍କୁ ସମ୍ବର୍ଦ୍ଧନା। ଏ ଜନ୍ମର ଶ୍ରେଷ୍ଠ ସାର୍ଥକତା। ପ୍ରଭୁ ଏପରି ଭାବରେ ଏମିତି ଆମ ଦାଣ୍ଡ ଆଗରେ ଅଉ ଯିବା କଥା କଳ୍ପନା କରିହେଉ ନାହିଁ। କେତେ ହଟଚମଟ ମଧ୍ୟରେ ଆସିଥାନ୍ତି। ତାଙ୍କ ଆସିବା ସୁଯୋଗଟି ଯେପରି ହେଉ ନେବାକୁ ହେବ। ମନଭରି ସ୍ୱାଗତ କରିବାକୁ ହେବ। କେଉଁଥିରେ ହେଳା ନାହିଁ। ସେଠାରୁ ପୁଣି ଆଠଗଡ଼। ସୁନ୍ଦର ଆୟୋଜନ। ଏକ ଶିବ ମନ୍ଦିର ନିକଟରେ ସୁନ୍ଦର ବେଦୀ ସଜ୍ଜା ହୋଇଛି। ପ୍ରଭୁ ଏଠାରେ ଓହ୍ଲାଇଲେ। କିଛି ସମୟ ବିଶ୍ରାମ ନେବେ। ଦର୍ଶନାର୍ଥୀମାନେ ଏତେ ଆଗ୍ରହ, ଉତ୍ସାହ ସହିତ ଚାହିଁଛନ୍ତି- ଟିକେ ସ୍ପର୍ଶ କରିବେ। ପ୍ରଭୁ ଓହ୍ଲାଇଲେ। ସଜା ହୋଇଥିବା ଆସ୍ଥାନରେ ଉପବେସନ କଲେ। ଲୋକମାନେ ଧାଡ଼ିବାନ୍ଧି ଦର୍ଶନ କରିବା ଆରମ୍ଭ କଲେ। ମାନ୍ୟବର ମନ୍ତ୍ରୀ ଦେବୀ ମିଶ୍ର ମହୋଦୟ ମଧ୍ୟ ସ୍ଥାନୀୟ ଲୋକମାନଙ୍କ ସହିତ ସୁଖଦୁଃଖ ଟିକେ ଆରମ୍ଭ କରିଦେଲେ। ଏଇ ମୌକାରେ ମହେନ୍ଦ୍ର ଭାଇ, ପୂର୍ଣ୍ଣ ଭାଇ ଇତ୍ୟାଦି ଚା, ପାଣି ଇତ୍ୟାଦି ଦେବାପାଇଁ ସୁଯୋଗ ନେଲେ। ରିଲିକ୍ସ ପାର୍ଟିରେ ୩୦ରୁ ଊର୍ଦ୍ଧ୍ୱ ଏବଂ ତା' ସହିତ ପୋଲିସ୍ ଭାଇମାନେ ମଧ୍ୟ ଏଇ ପ୍ରକାର ସଂକ୍ଷେପ ଖାଦ୍ୟରୁ କିଛି ଗ୍ରହଣ କଲେ। କାନନ, ନିଶିଥ ପ୍ରଭୃତି ଲୋକମାନଙ୍କୁ ଶୃଙ୍ଖଳାର ସହିତ ଦର୍ଶନ କରାଉଥାଆନ୍ତି। କଟରାରେ ବିଷ୍ଣୁଭାଇଙ୍କ ଭଳି ଏଠାରେ ମଧ୍ୟ ଦେବୀ ବାବୁଙ୍କର ସେଇ ପ୍ରଶ୍ନ। ଆଉ ତ ଅଳ୍ପ ବାଟ- ଏତେ ତରତର ହୋଇ କାହିଁକି ଯିବା। ଆମର ତ କଟରାର ଅନୁଭବ ଅଛି, ଯେତେ କହିଲେ ମଧ୍ୟ ଦେବୀ ବାବୁ ବୁଝୁ ନଥାନ୍ତି। ଅଗତ୍ୟା ଅଳ୍ପ ସମୟ ରହି ଆମେ ଅଠଗଡ଼ ଛାଡ଼ିଲୁ। ଏହାପରେ ପବିତ୍ର ଦେହାଂଶ ଖୋଲା ଜିପ୍‌କୁ ଆସିଗଲେ।

ବେଳକୁ ବେଳ ଗହଳି ବଢୁଥାଏ। ଖୋଲା ଜିପ୍‌ରେ ମଧ୍ୟ ଗହଳି ବଢୁଥାଏ।। ମନ୍ତ୍ରୀମହାଶୟଙ୍କ ସହିତ ସ୍ଥାନୀୟ ଏମ୍.ଏଲ.ଏ ମଧ୍ୟ ଖୋଲାଜିପରେ ଠିଆହୋଇଥାଆନ୍ତି। ସେଠାରୁ ଚତୁର୍ଦ୍ଦିଗର ଦୃଶ୍ୟର ଫଟୋନେବାର ଲୋଭ ସମ୍ବରଣ କରିବା କଷ୍ଟକର। ବିଶେଷତଃ ଲଳିତ ପାଇଁ ସବୁ ନୂଆ।

ଆଠଗଡ଼ ପରେ ଖୁଣ୍ଟକଟା। ଓଡ଼ିଶାର ଏକ ଅତ୍ୟନ୍ତ ପୁରାତନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର। ବିଭିନ୍ନ କାରଣରୁ ତା'ର ବାହ୍ୟ ପରିବେଶ ବିଶେଷ ବଦଳି ପାରିନାହିଁ। ସେଠାରେ ଅଭ୍ୟର୍ଥନା। ନିର୍ମଳ ଭାଇ, ପ୍ରତିମା ଅପା ପ୍ରଭୃତି ପ୍ରସ୍ତୁତ। ପିଲାମାନେ ମଧ୍ୟ ଫୁଲ ଧରି ପ୍ରସ୍ତୁତ। ସେଠାରୁ ଶୀଘ୍ର ଶୀଘ୍ର ସମ୍ବର୍ଦ୍ଧନା ଗ୍ରହଣ କରି ଆମେ ଚାଲିଲୁ। ତା'ପରେ ନାରୁଗୋଠ। ଏଠାରେ ମଧ୍ୟ ବିପୁଳ ଆୟୋଜନ। ଜାଗିଆପଡ଼ା ଶିକ୍ଷାକେନ୍ଦ୍ର ତରଫରୁ ଏଠାରେ ଆୟୋଜନ। ମାୟାଧର, ବିଜୟ ପ୍ରଭୃତି ବିଶିଷ୍ଟ କର୍ମୀ। ସେମାନେ ବ୍ୟବସ୍ଥା କରିଥାନ୍ତି। ଅତ୍ୟନ୍ତ ତ୍ରୁଟି ଶୂନ୍ୟ ବ୍ୟବସ୍ଥା। ନିରୋଳା ଦର୍ଶନ ହୋଇଗଲା।

ସମସ୍ତେ ଖୁସୀ। ସ୍ଲୋଗାନ୍ ଚାଲିଥାଏ ବନ୍ଦେମାତରମ୍। ଆଗରୁ ବନ୍ଦେମାତରମ୍ ଗାଡ଼ିରୁ ଶୁଭୁଥାଏ ବନ୍ଦେମାତରମ୍ ସଙ୍ଗୀତ। ସମଗ୍ର ପରିବେଶ ଯେପରି ମାତୃ ଚରଣାଶ୍ରୀତ। ସେଠାରୁ ଛାଡ଼ିଲୁ ଆମେ ତିଗିରିଆ। ଆଗରେ ଦିଶୁଥାନ୍ତି ମଟରସାଇକେଲ ବାହିନୀ। ନୂଆପାଟଣା ପାଖେଇ ଆସୁଥାଏ। ତା'ରି ଭିତରେ ତିଗିରିଆ ଆସିଗଲା। ଅଜିତ୍ ଧୀର ଭାଇଙ୍କ ବ୍ୟବସ୍ଥା। ସେଠାରେ ସମ୍ବର୍ଦ୍ଧନା ଗ୍ରହଣକରି ଚାଲିଲୁ ନୂଆପାଟଣା।

ନୂଆପାଟଣା ଏକ ଅତ୍ୟନ୍ତ ପୁରାତନ ମାତୃ ସଙ୍ଗଠନ। ଅତୀତରେ କଟକ ଜିଲ୍ଲାର ସଙ୍ଗଠକ ସ୍ୱର୍ଗତଃ ଚକ୍ରଧର ସାମନ୍ତରାୟ ଏହିଠାରେ ଥିବାବେଳେ ଅନେକ କାର୍ଯ୍ୟ କରାଯାଇଥିଲା। ସେ ଏକ ବିଚକ୍ଷଣ ସଙ୍ଗଠକ ଥିଲେ। ଏହି ସ୍ଥାନରେ ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୋଟିଏ ଭଡ଼ାଘରେ ସେ ଆରମ୍ଭ କରିଥିଲେ। ବର୍ତ୍ତମାନ ନିଜସ୍ୱ ସ୍ଥାନରେ। ବର୍ତ୍ତମାନ ସଙ୍ଗଠନର ସମ୍ପାଦକ ବିନୟ ଭାଇ ଜଣେ ଅତି ଉଚ୍ଚକୋଟୀର କର୍ମୀ। ତାଙ୍କ ଉଦ୍ୟମରେ ସେ ଅଞ୍ଚଳରେ ଅନେକ ମାତୃକର୍ମ ସଙ୍ଗଠିତ ହୋଇପାରୁଛି। କଟକ ଜିଲ୍ଲାର ବିଶେଷ କରି ମାତୃଭବନର ଯେ କୌଣସି କାର୍ଯ୍ୟକ୍ରମ ଥିଲେ ବିନୟ ଭାଇ ନିଶ୍ଚୟ ଗୋଟିଏ ଗାଡ଼ିକରି ତାଙ୍କର ସମସ୍ତ ଅପାଭାଇଙ୍କୁ ନେଇ ଯୋଗଦେବାକୁ ଚାଲିଆସନ୍ତି। ସେଠାରେ ପବିତ୍ର ଦେହାଂଶ ସ୍ଥାପନ ହେବା ନିମନ୍ତେ ବୋଧହୁଏ ୧୯୮୮/୮୯ ମସିହାରୁ ଟଙ୍କା ଦାଖଲ କରାଯାଇ ଦେହାଂଶ ବକ୍ସ ପ୍ରସ୍ତୁତି ପାଇଁ ବରାଦ କରାଯାଇଥିଲା। ଏହା ମଧ୍ୟରେ ଏତେ ସମୟ ଗଲେ ମଧ୍ୟ ପବିତ୍ର ଦେହାଂଶ ସ୍ଥାପନପାଇଁ ପ୍ରସ୍ତୁତି ହୋଇପାରିନଥିଲା। ଚଳିତବର୍ଷ ଏଥିପାଇଁ ଅନେକ ଉଦ୍ୟମ ଏବଂ ଶେଷରେ ପରମପ୍ରଭୁ ନିଜେକୃପାକରି ଆସୁଛନ୍ତି। ଏଠାରେ ଚିରଦିନ ପାଇଁ ରହିବେ।

ଆମ ଗାଡ଼ି ପ୍ରବେଶ କଲା ନୂଆପାଟଣା ବଜାରରୁ ବାମପାଖରେ ଥିବା ନୂଆପାଟଣା ଗ୍ରାମ ମଧ୍ୟରେ। ଓଃ କି ଦୃଶ୍ୟ! ସତରେ ଯଦି ମୋର ବର୍ଣ୍ଣନା କରିବାର କାଣିଚାଏ ବି ସାମର୍ଥ୍ୟ ଥାଆନ୍ତା ତେବେ ମୁଁ ଆଦୌ ହେଳା କରନ୍ତି ନାହିଁ। ସେ ଗ୍ରାମର ଲୋକମାନଙ୍କର ଉତ୍ସାହ, ଆଗ୍ରହ, ଶ୍ରଦ୍ଧା ସବୁ ଆଖି ଆଗରେ ଦିଶିଯାଉଛି। ଗୋଟିଏ ଫୁଟ ଯିବାପାଇଁ ଦଶମିନିଟ ଲାଗିଯାଉଥାଏ। କଦଳୀଗଛ ପୋତା ହୋଇ, ପୂର୍ଣ୍ଣକୁମ୍ଭ ସଜାସଜି, ତାରି ମଧ୍ୟରେ ବନ୍ଦାପନା। ଅରୁଆ ଚାଉଳ, ଦୁବ, ବରକୋଳି ପତ୍ର। ଦୂରରୁ ବିକଳରେ ଚାହିଁ ଅପେକ୍ଷା- କେତେବେଳେ ପ୍ରଭୁ ଆସିବେ ଆଉ ଆମେ ଟିକିଏ ବନ୍ଦାପନା କରି ଧନ୍ୟହେବୁ। ପ୍ରଭୁ ମଧ୍ୟ ସେଇ ଆନନ୍ଦରେ ଚାଲିଛନ୍ତି।

ହଜାର ହଜାର ଭକ୍ତ, ନରନାରୀ, ଆବାଳବୃଦ୍ଧବନିତା, ଆନନ୍ଦରେ - ପରିପୂର୍ଣ୍ଣ ବାତାବରଣ। କି ସୁନ୍ଦର! ସମସ୍ତଙ୍କ ଭିତରେ ପବିତ୍ର ଦେହାଂଶ ବହନ କରି ଗାଡ଼ି ଅନ୍ୟମାନଙ୍କ ସହିତ ଧୀରେ ଧୀରେ ଆଗଉଥାଏ। ଚତୁର୍ଦ୍ଦିଗ ଲୋକାରଣ୍ୟ। ଛାତ ଉପରମାନଙ୍କରେ ମଧ୍ୟ ଭକ୍ତବୃନ୍ଦ ଛିଡ଼ା ହୋଇଥାନ୍ତି। ସବୁ ଦିଗରୁ ପୁଷ୍ପ ବୃଷ୍ଟି। ସ୍ୱର୍ଗରୁ ପୁଷ୍ପବୃଷ୍ଟି ପରି ଲାଗୁଥାଏ।

ଏତେ ଭିଡ଼ ହେଲା ଯେ ଶେଷରେ ପୋଲିସ କର୍ଡ଼ନ କରିବାକୁ ପଡ଼ିଲା। ପବିତ୍ର ଦେହାଂଶଥିବା ଖୋଲା ଜିପକୁ ପୋଲିସ ଭାଇମାନେ କର୍ଡ଼ନ କରି ଚତୁର୍ଦ୍ଦିଗରୁ ଧୀରେ ଧୀରେ ନେଇ ଚାଲିଥାନ୍ତି। ହଠାତ୍ ଏକ ବିଚିତ୍ର

ଦୃଶ୍ୟ ଦେଖିବାକୁ ମିଳିଲା । ଆମ ଖୋଲାଜିପ ଆଗରେ ଜଣେ ବୃଦ୍ଧା ଗୋଟିଏ ହାତରେ ଗୋଟିଏ ଚାଙ୍ଗୁଡ଼ିରେ କିଛି ଫୁଲ ଧରି ସେଇଥିରୁ ଆମ ଗାଡ଼ି ଆଗରେ ବିଞ୍ଚି ବିଞ୍ଚି ଚାଲୁଥାନ୍ତି । ତା'ରି ଉପରେ ଗାଡ଼ି ଚାଲୁଥାଏ । ପ୍ରଭୁଙ୍କ ରାସ୍ତାରେ ଫୁଲ ପକାଉଥାନ୍ତି । ସତେ ଯେପରି ପ୍ରଭୁ ତାଙ୍କ ଫୁଲ ଉପରେହିଁ ପାଦ ପକାଇ ପକାଇ ଯାଉଛନ୍ତି । ରାସ୍ତାଗୁଡ଼ିକ ଅପେକ୍ଷାକୃତ ସରୁ । ତାରି ମଧ୍ୟରେ କେଉଁଠାରେ ବୁଲାଣି ତ କେଉଁଠାରେ ନାଳ ଉପରେ ସ୍ଲାବ । ପୁଣି କେଉଁଠାରେ ଉଠାଣି । ଏମିତି ତାରି ଭିତରେ ଭିଡ଼ କାଟି କାଟି ଆମ ଗାଡ଼ି ଆଗଉଥାଏ । ସମୟ ବିଳମ୍ବ ହେବାକୁ ଆରମ୍ଭ କଲାଣି । ମନ୍ତ୍ରୀ ମହାଶୟଙ୍କୁ ଦେଖିଲି ଅତି ଆନନ୍ଦରେ ସବୁ ଦିଗକୁ ଦୃଷ୍ଟି ପକାଉଥାନ୍ତି ।

ପବିତ୍ର ଦେହାଂଶ ଗାଡ଼ି ଆଗରେ ବନ୍ଦେମାତରମ୍ ଗାଡ଼ି ମୁଖ୍ୟ ରାସ୍ତା ଧରିଲା । ଆମେ ପଛରୁ ଜାଣିପାରିଲୁ ଆଉ ବିଳମ୍ବ ନାହିଁ । ମୁଖ୍ୟ ରାସ୍ତାର ପୁଣି ଦକ୍ଷିଣ ପାଖକୁ ଯିବାକୁ ହେବ । ଅଳ୍ପ ବାଟ ପରେ ଆମେ ପହଞ୍ଚିବା । ମଟର ସାଇକେଲଗୁଡ଼ିକ ଅନେକ ଆଗରୁ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ସାରିବେଣି । ମୁଖ୍ୟ ରାସ୍ତାର ଦକ୍ଷିଣକୁ ଭାଙ୍ଗିବା ପରେ ଅଳ୍ପ ବାଟ ପରେ ବାମକୁ ଏବଂ ପୁଣି ଦକ୍ଷିଣକୁ ଭାଙ୍ଗିବାକୁ ହେଲା । ବାମପଟେ କଲେଜ ପଡ଼ିଆରେ ଗାଡ଼ି ଏବଂ ମଟରସାଇକେଲ ସବୁ ଲାଇନ୍‌ରେ ସଜାହୋଇ ରହିଥାନ୍ତି । ଦୂରରୁ ଦେଖାଯାଉଥାଏ ପବିତ୍ର ଦେହାଂଶ ମନ୍ଦିର ଏବଂ ଚତୁର୍ଦ୍ଦିଗରରେ ଲୋକାରଣ୍ୟ । କେତେ ଲୋକ ! ଅନ୍ତତଃ ପନ୍ଦର ହଜାରରୁ ଊଣା ହେବେନି । ମନ୍ତ୍ରୀ ମହାଶୟଙ୍କୁ ପଚାରିଲି- ଆପଣଙ୍କର କୌଣସି ସଭାରେ ଏତେ ଲୋକ କେବେହେଲେ ହୋଇନଥିବେ । ସେ ସମ୍ମତି ସୂଚକ ମୁଣ୍ଡ ହଲାଇଲେ । ସବୁକିଛି ଏକ ଅପୂର୍ବ ପୁଲକରେ ପୁଲକିତ । କେମିତି ସବୁ ସମ୍ଭବ ହୋଇଛି- ଏତେ ଅଳ୍ପ ଦିନ ମଧ୍ୟରେ ।

ପବିତ୍ର ଦେହାଂଶ ମନ୍ଦିରର ପ୍ରବେଶ ଫାଟକ ପାଖରେ ଗାଡ଼ି ଅଟକିଲା । ଏତେ ଲୋକମାନଙ୍କ ମଧ୍ୟରେ ଅତି ସନ୍ତର୍ପଣରେ ଗାଡ଼ିରୁ ଓହ୍ଲାଇ ମନ୍ତ୍ରୀ ମହାଶୟ ପବିତ୍ର ଦେହାଂଶ ଧାରଣ କରି ଆଗଉଥାନ୍ତି । ଚତୁର୍ଦ୍ଦିଗରୁ ଲୋକମାନଙ୍କର ଭିଡ଼ । ଅନେକ କଷ୍ଟରେ ପୋଲିସ ବାହିନୀ ସମ୍ମୁଖରେ ପବିତ୍ର ଦେହାଂଶ ଧାରଣ କରି ଉପନୀତ ହେଲେ ସମ୍ମାନନୀୟ ମନ୍ତ୍ରୀ ଦେବୀ ବାବୁ । ପୋଲିସ ବାହିନୀ କଲେ ସମ୍ମାନ ପ୍ରଦର୍ଶନ । ସମ୍ମାନନୀୟ ମନ୍ତ୍ରୀ ଦେବୀ ମିଶ୍ରଙ୍କଠାରୁ ପବିତ୍ର ଦେହାଂଶ ଗ୍ରହଣ କଲେ ବିନୟ ଭାଇ । ତା'ପରେ ଏକ ଅବର୍ଣ୍ଣନୀୟ ଦୃଶ୍ୟ । ଦୁଇପାଖରେ ସତଷଠି ଜଣ ମହିଳା ଶଙ୍ଖ ଏବଂ ହୁଳହୁଳୀ- ଓଃ କି ଅବସ୍ଥା- ଅବର୍ଣ୍ଣନୀୟ । ପରମବ୍ରହ୍ମ - ସଚ୍ଚିଦାନନ୍ଦଙ୍କ ଅବତାର - ପରମପୁରୁଷ ଶ୍ରୀଅରବିନ୍ଦଙ୍କ ଆଳତୀ କରିବା ପାଇଁ, ବନ୍ଦାପନା କରିବାପାଇଁ ଶୁଦ୍ଧ ପୂତ ପବିତ୍ର ହୋଇ ଶ୍ୱେତବସ୍ତ୍ର ପରିହିତା ମହିଳାମାନଙ୍କର ସାମୁହିକ ହୁଳହୁଳି ଏବଂ ଶଙ୍ଖଧ୍ୱନୀ- ଗଗନ ପବନ ଉଚ୍ଛୁଳାଇ ଦେଉଥାଏ । ତାହାରି ମଧ୍ୟରେ ଆମେ ଧୀରେ ଧୀରେ ଆଗଉଥାଉ । ଦୁଇ ପାଖରୁ ପଡୁଥାଏ ପୁଷ୍ପ, ଅରୁଆ ଚାଉଳ - ଆମ ମଧ୍ୟରେ ଏକ ଦିବ୍ୟ କରୁଣାର ସ୍ଫୁଲିଙ୍ଗ ଅନୁଭବ ହେଉଥାଏ । ପଣ୍ଡିଚେରୀଠାରୁ ଆସିଥିବା ଲଳିତ କୃତ୍ୟକୃତ ହୋଇଯାଉଥାଆନ୍ତି । ଚାରିଆଡ଼କୁ ଚାହିଁ ଫଟୋ ଉଠାଉଥାନ୍ତି । ପ୍ରତ୍ୟେକ ମୁହୂର୍ତ୍ତର ଦୃଷ୍ଟି ଯାହା ଉପରେ ପଡୁଥାଏ- ତାହା ମଧ୍ୟ ସ୍ମରଣୀୟ ହେଲାଭଳି ଏକ ଦୃଶ୍ୟ । ସବୁଦିଗରୁ

ଲୋକମାନେ ମାଡ଼ିଆସୁଥାନ୍ତି, ମହିଳାମାନେ ଦୁଇପାଖରୁ ଆଳତୀ ସହିତ ଅରୁଆ ଚାଉଳ, ଦୁବ ପ୍ରଭୃତି ପବିତ୍ର ଦେହାଂଶଙ୍କ ନିକଟକୁ ଫିଙ୍ଗୁଥାଆନ୍ତି । କି ଅନୁଭବ ! ବାସ୍ତବିକ ଦ୍ୱିତୀୟଥର ତାକୁ ସ୍ମରଣରେ ଆଣି ଲେଖିବା ସମ୍ଭବ ହେଉନାହିଁ । ଅତ୍ୟନ୍ତ ଉତ୍ସାହ, ଶ୍ରଦ୍ଧା ତଥା କୃତଜ୍ଞତାରେ ପରିପୂର୍ଣ୍ଣ ମହିଳାମାନେ । ଧୀରେ ଧୀରେ ପରମ ପ୍ରଭୁ ଅତିକ୍ରମ କରିଗଲେ ଆଳତି ସ୍ଥାନକୁ ଏବଂ ସଜାହୋଇଥିବା ମଣ୍ଡପ ଉପରକୁ ବିନୟ ଭାଇ ପ୍ରଭୁଙ୍କ ପବିତ୍ର ଦେହାଂଶ ଧରି ପହଞ୍ଚିଲେ । ସେଠାରେ ଆଗରୁ ସଜାହୋଇ ରଖାଯାଇଥିଲା, ଏକ ସୁନ୍ଦର ଟେବୁଲ ଏବଂ ତାରି ଉପରେ ପରମ ପ୍ରଭୁଙ୍କ ପବିତ୍ର ଦେହାଂଶ ସାଧାରଣ ଦର୍ଶନ ନିମନ୍ତେ ରଖାଗଲେ । ମଣ୍ଡପ ଉପରେ ଠିଆହୋଇ ତଳକୁ ଚାହିଁଲା ବେଳକୁ ଅତୀତର ସେହି ଅଞ୍ଚଳର ମା'ଙ୍କ କାର୍ଯ୍ୟ ସମ୍ବନ୍ଧରେ ଅନେକ କଥା ମନେପଡୁଥାଏ । ଏହା ସତରେ କ'ଣ ସମ୍ଭବ !

ଆରମ୍ଭ ହେଲା ସାଧାରଣ ଦର୍ଶନ । ଜନସମୁଦ୍ର ମାତ୍ର ଶୃଙ୍ଖଳିତ । ସମସ୍ତେ ଆସି ଧାଡ଼ିରେ ଦର୍ଶନ ଆରମ୍ଭ କଲେ ।

ଆମ୍ଭେମାନେ ଚାଲିଲୁ ସମାଧି ମନ୍ଦିରର ପ୍ରସ୍ତୁତି ଦେଖିବାପାଇଁ । ପ୍ରାୟ ସବୁ ପ୍ରସ୍ତୁତ ସରିଛି । ଦୁଇଟି ସ୍ଲାବ ପଡ଼ିବ । ମଝିରେ ସିମେଣ୍ଟ ବାଲି ଇତ୍ୟାଦି ଗୋଳାହୋଇ ଦିଆଯିବ । ସିମେଣ୍ଟ ପ୍ରସ୍ତୁତ ବାଲି ପ୍ରସ୍ତୁତ, ମିସ୍ତ୍ରୀ ପ୍ରସ୍ତୁତ । ପ୍ରସ୍ତୁତି ଦେଖି ମୁଁ ଏବଂ ଭୁପାଲ ଫେରିଲୁ । ସାମାନ୍ୟ ତ୍ରୁଟି ଥିଲା ତାକୁ ସଂଶୋଧନ କରିଦିଆଗଲା ।

ଏପଟେ ପ୍ରସାଦ ସେବନ କାର୍ଯ୍ୟକ୍ରମ । ବହୁତ ଆଗରୁ ଆରମ୍ଭ ହୋଇସାରିଥାଏ । ଅନ୍ନ, ଡାଲମା, ଖଟା, କ୍ଷୀରି ଆମର ନିର୍ବାଚିତ ପ୍ରସାଦ । କୌଣସି ଏକ ସଭାର କାର୍ଯ୍ୟକ୍ରମ ସମ୍ପର୍କରେ ବାବାଜି ମହାରାଜଙ୍କ ସହିତ ଆଲୋଚନା କଲାବେଳେ ମହାରାଜଜୀ ଏଇ ପ୍ରସାଦହିଁ ପ୍ରସ୍ତାବ ଦେଇଥିଲେ । ଏ ପର୍ଯ୍ୟନ୍ତ ଓଡ଼ିଶାର ଅଧିକାଂଶ ସ୍ଥାନରେ କୌଣସି ଏକ ସଭାର ଆୟୋଜନ ହେଲେ ଏଇ ପ୍ରସାଦହିଁ ବ୍ୟବସ୍ଥା କରାଯାଏ । ପ୍ରସାଦ ସେବନରେ ମଧ୍ୟ ହଜାର ହଜାର ଲୋକ । ଅତ୍ୟନ୍ତ ଶୃଙ୍ଖଳିତ ଭାବରେ ସେ କାର୍ଯ୍ୟ ଚାଲିଥାଏ ।

ଏଥରକ ପରମପ୍ରଭୁଙ୍କ ପବିତ୍ର ଦେହାଂଶ ସ୍ଥାପନ କାର୍ଯ୍ୟକ୍ରମ । ଅନେକ ଭିଡ଼ । ଭିତରକୁ ଯିବାପାଇଁ ସମସ୍ତେ ବିକଳ । ମାତ୍ର ସ୍ଥାନ କାହିଁ ? ସମାଧି ମନ୍ଦିର ଭିତର ସ୍ଥାନଟି ଅପେକ୍ଷାକୃତ ଛୋଟ । ତା' ମଧ୍ୟରେ ଅଳ୍ପ କେତେଜଣ ରହିଲେ । ଅନ୍ୟମାନେ ବାହାରେ ଅପେକ୍ଷା କରିଥାନ୍ତି । ପବିତ୍ର ଦେହାଂଶଙ୍କୁ ରହିବା ସ୍ଥାନରୁ ବିନୟଭାଇ ଧରି ଧୀରେ ଧୀରେ ସମାଧି ମନ୍ଦିର ମଧ୍ୟରେ ପ୍ରବେଶ କଲେ । ବାଟରେ ବ୍ୟାକୁଳ ହୋଇ କେହି କେହି ସ୍ପର୍ଶ କରି ଦେଉଥାନ୍ତି । ପ୍ରଭୁ ଯିବେ- ସମାଧି ମନ୍ଦିର- ଅନନ୍ତ ଶୟନରେ ଶୋଇଯିବେ । ତା'ପରେ ବାହାରୁ କେବଳ ପ୍ରଣାମ କରିହେବ । ସମାଧି ମନ୍ଦିର ମଧ୍ୟରେ ଗୋଟିଏ ନୂଆ ଷ୍ଟୁଲ ରଖାଯାଇଥାଏ । ତା'ରି ଉପରେ ପ୍ରଭୁଙ୍କୁ ରଖି ବିନୟ ଭାଇ ସମ୍ମୁଖରେ ବସିପଡ଼ିଲେ । ଠିକ୍ ୪ଟା ବେଳେ ପ୍ରଭୁଙ୍କୁ ସମାଧି ଭିତରେ ସ୍ଥାପନ କରାଯିବ ।

ଆସିଲା ସେଇ ଶୁଭ ମୁହୂର୍ତ୍ତ । ଭୁପାଲ ପରମ ପ୍ରଭୁଙ୍କୁ ଧରି ସମାଧି ଚତୁଃପାର୍ଶ୍ୱରେ ତିନିଘେରା ବୁଲିବାପରେ ଚିରାଚରିତ ଧାରାରେ ସମାଧି ମଧ୍ୟରେ ଉଦ୍ଦିଷ୍ଟ ସ୍ଥାନରେ ସ୍ଥାପନ

କରାଗଲା। ଆରମ୍ଭ ହେଲା - ମନ୍ତ୍ର ଆବୃତ୍ତି "ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ" । ଭିତରେ ବାତାବରଣ ଅଦ୍‌ଭୁତ ଭାବରେ ଶାନ୍ତ। ମିସ୍ତ୍ରୀମାନେ ତାଙ୍କ କର୍ମ ଶୀଘ୍ର ଶୀଘ୍ର ଶେଷ କଲେ। ଫୁଲ ସବୁ ଆଗରୁ ସଜାହୋଇ ବାହାରେ ଟ୍ରେରେ ଥିଲା। ସେଗୁଡ଼ିକୁ ଆଣି ସମାଧି ଉପରେ ରଖିଦିଆଗଲା। ଚିରଦିନପାଇଁ ପରମ ପ୍ରଭୁ ଅନନ୍ତ ଶୟନରେ ଶାୟିତ ହୋଇଗଲେ। ନୂଆପାଟଣା ଆଧାତ୍ମିକ ଜଗତର ମାନଚିତ୍ରରେ ସ୍ଥାନିତ ହୋଇଗଲା। ପାଞ୍ଚମିନିଟ୍ ସମବେତ ଧ୍ୟାନ ପରେ ଭିତର ଭକ୍ତମାନେ ବାହାରକୁ ଧୀରେ ଧୀରେ ଚାଲିଗଲେ ଏବଂ ବାହାରେ ଅପେକ୍ଷାରତ ଭକ୍ତମାନେ ପ୍ରଣାମ କରିବାପାଇଁ ଭିତରେ ପ୍ରବେଶ କଲେ। ଆମକୁ ପରଦିନ ନବୋଦ୍ୟମକୁ ଯିବାକୁ ହେବ। ତେଣୁ ଆଉ ମୁହୂର୍ତ୍ତେ ବି ନରହି ଆମେ ସବୁ ଭିନ୍ନ ଭିନ୍ନ ଗାଡ଼ିରେ କଟକ ଫେରିଲୁ। ଆସିଲାବେଳେ ବିନୟ ଭାଇଙ୍କର ଆଶ୍ୱସ୍ତ ଏବଂ କୃତଜ୍ଞତାପୂର୍ଣ୍ଣ ଚକ୍ଷୁ ଲୋତକାର୍ଦ୍ର ଦିଶୁଥାଏ।

*କ୍ରମଶଃ*

*ପ୍ରସାଦ ତ୍ରିପାଠୀ*

●

## ବିନମ୍ର ନିବେଦନ

ମା'ଙ୍କ କରୁଣାରୁ ଆସନ୍ତା **ଜୁନ ୧, ୨ ଏବଂ ୩ ତାରିଖ, କଇନିପୁରା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନଠାରେ ୨୧ ତମ ରାଜ୍ୟ ସ୍ତରୀୟ Pioneer Students' Meet** ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ। ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି, ସମ୍ପାଦକ ଓ ଅଧ୍ୟକ୍ଷାମାନଙ୍କୁ ନିବେଦନ ଏ ଦିଗରେ ଆନ୍ତରିକ ସହଯୋଗ କରିବେ।

ଅଧ୍ୟକ୍ଷା (ଲକ୍ଷ୍ମୀଅପା), ମୋ- ୯୪୩୭୩୨୮୩୦୦

## କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୂଚନା

୧.୬.୧୦ : ପ୍ରାତଃ ଅଧିବେଶନ
ପୂର୍ବାହ୍ନ ୯.୦୦: ଉଦ୍‌ଘାଟନୀ ଉତ୍ସବ
୧୦.୩୦ : ମୁକ୍ତ ଆଲୋଚନା
ବିଷୟ : True young- who lives in future
ଆଲୋଚକ : ଶ୍ରୀ ଭାଗିରଥୀ ମହାପାତ୍ର
ସନ୍ଧ୍ୟା୬.୩୦ : Love : the Supreme Victor
ବକ୍ତା : ପ୍ରଭାତ କୁମାର ନାୟକ
୨.୬.୧୦ : ଦଳଗତ ଆଲୋଚନା
ବିଷୟ : ଶ୍ରୀଅରବିନ୍ଦଙ୍କ ପାଞ୍ଚୋଟି ସ୍ୱପ୍ନ
ସନ୍ଧ୍ୟା ୬.୩୦ : ପ୍ରଶ୍ନୋତ୍ତର
ଆଲୋଚକ : ସି.ଏଚ୍. ନିରାକାର
୩.୬.୧୦ : ଦଳଗତ ଆଲୋଚନା
ବିଷୟ : ଶ୍ରୀଅରବିନ୍ଦଙ୍କ ପାଞ୍ଚୋଟି ସ୍ୱପ୍ନ
୨.୩୦ : କୁଇଜ୍
୬.୩୦ : ଉଦ୍‌ଯାପନ ଉତ୍ସବ
Topic : Human love and Divine Love
ବକ୍ତା : ସଞ୍ଜୟ ମହାପାତ୍ର

# ସଙ୍ଗଠନ ସମାଚାର

**ଶ୍ରୀଅରବିନ୍ଦ ଆଶ୍ରମ ସମ୍ବାଦ :** ୧.୩.୧୦ରେ ସୁରେଶ ଚକ୍ରବର୍ତ୍ତୀଙ୍କ ରଚନାରୁ ହଲ୍ ଅଫ୍ ହାର୍ମୋନୀରେ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀବୃନ୍ଦ ଆବୃତ୍ତିକରି ଶୁଣାଇଥଲେ।... ୪.୩.୧୦ରେ ଶ୍ରୀଅରବିନ୍ଦ ଆଶ୍ରମର କେତେକ ତରୁଣ କଳାକାର ନିଜନିଜର କୃତିର ଏକ ପ୍ରଦର୍ଶନୀ ଆଶ୍ରମର ପ୍ରଦର୍ଶନୀ ହଲ୍‌ରେ କରିଥିଲେ। ତାହା ୧୧ ତାରିଖ ପର୍ଯ୍ୟନ୍ତ ରହିଥିଲା।... ୬.୩.୧୦ରେ 'ଅବତାର' ଶୀର୍ଷକ ଏକ ଇଂରେଜ ଚଳଚ୍ଚିତ୍ର ପ୍ଲେଗ୍ରାଉଣ୍ଡରେ ପ୍ରଦର୍ଶିତ ହୋଇଥିଲା।... ୭.୩.୧୦ରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ହଲ୍ ଅଫ୍ ହାର୍ମୋନୀରେ ପରିବେଷିତ ହୋଇଥିଲା।... ୨୪.୩.୧୦ରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀବୃନ୍ଦ ସ୍କୁଲ ପ୍ରାଙ୍ଗଣରେ ଶ୍ରୀଅରବିନ୍ଦଙ୍କ ରଚିତ କେତେକ ସନେଟ୍ ଆବୃତ୍ତି କରି ଶୁଣାଇଥିଲେ।... ୨୬.୩.୧୦ରେ ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଗମନ (୪.୪.୧୯୧୦)ର ଶତବାର୍ଷିକୀ ପାଳନ ଉପଲକ୍ଷ୍ୟେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଥିଏଟର ହଲରେ ଆୟୋଜିତ ହୋଇଥିଲା। ପ୍ରଥମ ଦିନ ଉଦ୍‌ଘାଟନ ଉତ୍ସବକୁ ପଣ୍ଡିଚେରୀ ଗଭର୍ଣ୍ଣର, ସାଂସ୍କୃତିକ ବିଭାଗର ମନ୍ତ୍ରୀ ଓ ବିଶିଷ୍ଟ ଅତିଥି ଓ କଳାକାର ଆସିଥିଲେ।... ୨୭.୩.୧୦ରେ ବିଦ୍ୟାଭାରତୀ- କର୍ଣ୍ଣାଟକୀ କଣ୍ଠସଙ୍ଗୀତ ଶୁଣାଇଥିଲେ।... ୨୯.୩.୧୦ରେ 'ସାଧନାର ଭିତ୍ତି ସ୍ଥାପନ' ଶୀର୍ଷକ ଏକ ଫଟୋ ପ୍ରଦର୍ଶନୀ ପ୍ରଦର୍ଶନୀ ହଲରେ ଉଦ୍‌ଘାଟିତ ହୋଇଥିଲା। ଏହା ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଥିଲା।... ୩୧.୩.୧୦ରେ 'ଶ୍ରୀଅରବିନ୍ଦଙ୍କ ପ୍ରତି ଶ୍ରଦ୍ଧା ନିବେଦନ'- ଶ୍ରୀଅରବିନ୍ଦଙ୍କ ସଙ୍ଗୀତ ଓ କବିତା ଆବୃତ୍ତି କାର୍ଯ୍ୟକ୍ରମ ହଲ୍ ଅଫ୍ ହାର୍ମୋନୀରେ ହୋଇଥିଲା।

## କୃପା ମଣ୍ଡଳ

**ଢେଙ୍କାନାଳ:** ୨.୩.୧୦ରେ ଗାନ୍ଧୀମନ୍ଦିର ରୋଡସ୍ଥିତ ଦିବ୍ୟକୃପା ନାମରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିକି ଅପା, କୁନି ଅପା ଅଂଶଗ୍ରହଣ କରିଥିଲେ।... ୭.୩.୧୦ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାଳଚକଡାଠାରେ ଶ୍ରୀଅରବିନ୍ଦ କର୍ମମନ୍ଦିର ପାଠଚକ୍ରର ଦ୍ୱାଦଶତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଠାରେ "ଆମେ ପ୍ରସ୍ତୁତ କି?" ସମ୍ପର୍କରେ ପ୍ରସାଦ ତ୍ରିପାଠୀ ଆଲୋଚନା କରିଥିଲେ।... ୧୦.୩.୧୦ରେ ଟାଉନପ୍ଲାନିଙ୍ଗସ୍ଥିତ ବିଷ୍ଣୁ ଭାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆସ୍ପୃହା ମହିଳା ପାଠଚକ୍ରର ଏକାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟଜୀବନ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୫.୩.୧୦ରେ ଷ୍ଟେସନବଜାରସ୍ଥିତ ପାର୍ଥସାରଥି ଭାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ କଲ୍ୟାଣମୟୀ ପାଠଚକ୍ର ନାମରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିକି ଅପା, କୁନି ଅପା, ଅର୍ଚ୍ଚନା ଅପା ଅଂଶଗ୍ରହଣ କରିଥିଲେ।... ୧୭.୩.୧୦ରେ ଜବାହାରଚୌକ ଦାମୋଦରଭବନଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ "ଭାଗବତ କର୍ମ ଓ ଭାଗବତ ଅଭିବ୍ୟକ୍ତିରେ ସାହାଯ୍ୟ ନିମିତ୍ତ ତୁମକୁ ତୁମର ଜୀବନ ଦିଆଯାଇଛି।" ସମ୍ପର୍କରେ ପ୍ରସାଦ ତ୍ରିପାଠୀ ଆଲୋଚନା କରିଥିଲେ।... ୧୮.୩.୧୦ରେ ଆନନ୍ଦନଗରସ୍ଥିତ ଆଦିକନ୍ଦ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ସୌମ୍ୟା ଶ୍ରୀମୟୀ

ପାଠଚକ୍ର ନାମରେ ଏକ ନୂତନ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମହାଲକ୍ଷ୍ମୀ ବିଭାବ" ସମ୍ପର୍କରେ ଟିକି ଅପା, କୁନି ଅପା, ଲୁଲୁ ଅପା ଆଲୋଚନା କରିଥିଲେ ।... ୨୧.୩.୧୦ରେ ବାଇଶିଙ୍ଗାଗ୍ରାମରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ୧ମ ବାର୍ଷିକ ଉତ୍ସବ ରଜନୀ ଅପାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଜୟ ପଲେଇ "ବର୍ତ୍ତମାନ ପରିସ୍ଥିତି ଓ ତାର ସମାଧାନରେ ପାଠଚକ୍ରର ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ ।... ୨୫.୩.୧୦ରେ ଶ୍ରୀଅରବିନ୍ଦ ନବଜ୍ୟୋତି ପାଠଚକ୍ରର ୧ମ ବାର୍ଷିକ ଉତ୍ସବ ଶାଶ୍ୱତୀ ସେନଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମା'ଙ୍କ ଆଲୋକ" ସମ୍ପର୍କରେ ଟିକି ଅପା, କୁନି ଅପା, ରୁଦ୍ର ଭାଇ ଆଲୋଚନା କରିଥିଲେ ।... ୨୬.୩.୧୦ରେ ସିମିଳିଆ ଗ୍ରାମସ୍ଥିତ ପ୍ରଶାନ୍ତି ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ମାତୃସାଧନା କେନ୍ଦ୍ରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ" ସମ୍ପର୍କରେ କୁନି ଅପା ଆଲୋଚନା କରିଥିଲେ ।... ୨୯.୩.୧୦ରେ ଶ୍ୱେତ ଗୋଲାପ ମହିଳା ପାଠଚକ୍ରର ବାର୍ଷିକ ଉତ୍ସବ ପାଳନ ଅବସରରେ ପର୍ଶୁରାମ ଭାଇ, କୁନି ଅପା "ଦିବ୍ୟଯୁଗ ସ୍ଥାପନାରେ ନାରୀ" ସମ୍ପର୍କରେ ଆଲୋଚନା କରିଥିଲେ । ୯.୪.୧୦ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃଭବନ ଉଚ୍ଚ ବିଦ୍ୟାଳୟ, ବାରଦାଠାରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକ, ପ୍ରେମାନନ୍ଦ ରାଉତ, ଶଙ୍କର୍ଷଣ ଜେନା ଅଂଶଗ୍ରହଣ କରିଥିଲେ ।

### ସମର୍ପଣ ମଣ୍ଡଳ

**ନବରଙ୍ଗପୁର:** ମାର୍ଚ୍ଚ ୨୦ ଓ ୨୧ ଦୁଇଦିନ ଧରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାପଡ଼ାହାଣ୍ଡିଠାରେ ସୁବାସ ସାହୁ, ଶଙ୍କର ବିଶୋୟୀ, ତ୍ରିନାଥ ପାତ୍ର, ଶ୍ୟାମସୁନ୍ଦର ନିଙ୍ଗୀ ପ୍ରମୁଖଙ୍କ ପରିଚାଳନାରେ ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, କଳାହାଣ୍ଡି ଜିଲ୍ଲାରେ ଥିବା ମୋଟ ୫୦ରୁ ଊର୍ଦ୍ଧ୍ୱ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଓ ସମ୍ପାଦକମାନଙ୍କ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।... ୪.୪.୧୦ରେ ନବରଙ୍ଗପୁରଠାରେ ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଗମନର ଶତବାର୍ଷିକୀ ଉପଲକ୍ଷ୍ୟେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲଳିତମୋହନ ପଟ୍ଟନାୟକ "ଶ୍ରୀଅରବିନ୍ଦଙ୍କ ଆବିର୍ଭାବର ରହସ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ ।... ୪.୪.୧୦ରେ ବି.ମାଳିଗୁଡ଼ାଠାରେ ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଗମନର ଶତବାର୍ଷିକୀ ଉପଲକ୍ଷ୍ୟେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱପ୍ନେଶ୍ୱର ପାଣିଗ୍ରାହୀ "ଶ୍ରୀଅରବିନ୍ଦଙ୍କ ଆବିର୍ଭାବର ରହସ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ ।... ୧୮.୪.୧୦ରେ ପାପାଡ଼ାହାଣ୍ଡି ବ୍ଲକ୍‌ସ୍ଥିତ ଖଟୁବାଇ ଗ୍ରାମର ହାଇସ୍କୁଲଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଲଳିତ ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପୂର୍ଣ୍ଣାଙ୍ଗ ଶିକ୍ଷା", "ଅର୍ଥ ଆସକ୍ତିରୁ ମୁକ୍ତି", "କାମ ଆସକ୍ତିରୁ ମୁକ୍ତି", "କ୍ଷମତା" ଓ "ଅହଂ" ସମ୍ପର୍କରେ ଯଥାକ୍ରମେ ସ୍ୱପ୍ନାରାଣୀ ପାଢ଼ୀ, ଉଷାରାଣୀ, ସ୍ୱପ୍ନେଶ୍ୱର ପାଣିଗ୍ରାହୀ, ଲଳିତମୋହନ ପଟ୍ଟନାୟକ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଭିମନ୍ୟୁ ଦାସ, ପ୍ରଫୁଲ୍ଲ କୁମାର ପୁହାଣ, ଶ୍ରୀନିବାସ ପଟ୍ଟନାୟକ, ଶ୍ୟାମସୁନ୍ଦର ନିଙ୍ଗୀ, ସୁଜାତା ମିଶ୍ର, ପ୍ରଜ୍ଞା ପରିମିତା ପୁହାଣ, ବାସନ୍ତୀଲତା ବାରିକ, ଗଙ୍ଗାଧର ଦାଶ, ଉର୍ମିଳା ମହାପାତ୍ର, ସନ୍ଦୀପ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ

କରିଥିଲେ।... ୧୮.୪.୧୦ରେ ନବରଙ୍ଗପୁର ଶ୍ରୀମାଶ୍ରୀଅରବିନ୍ଦ ଟ୍ରଷ୍ଟ ପରିସରରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିନର ତାତ୍ପର୍ଯ୍ୟ" ସମ୍ପର୍କରେ ସୁଜାତା ମିଶ୍ର, ଲଳିତମୋହନ ପଟ୍ଟନାୟକ, ଅଜୟ ସାହୁ, ସୁରେଶ ମିଶ୍ର ଆଲୋଚନା କରିଥିଲେ।... ୨୦.୪.୧୦ରେ ଶ୍ରୀଅବରିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନବରଙ୍ଗପୁରଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଲଳିତମୋହନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଜାତା ଅପା, କଳ୍ପନା ଅପା, ସଙ୍ଗୀତା ଅପା, ସନ୍ତୋଷୀ ଅପା, ଶ୍ରୀନିବାସ ଭାଇ, ସୁରେଶ ଭାଇ, ପ୍ରପନ୍ନା, ଅଜୟ ଭାଇ, ପଦ୍ମାବତୀ ଅପା, ସଙ୍ଗୀତା ଅପା ଅଂଶଗ୍ରହଣ କରିଥିଲେ।... ୨୪.୪.୧୦ରେ ଶ୍ରୀମା ଶ୍ରୀଅରବିନ୍ଦ ପାଠଚକ୍ର ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀଅରବିନ୍ଦନଗରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସ୍ୱତନ୍ତ୍ର ଧାନ, ପ୍ରାର୍ଥନା, ପାଠଚକ୍ର, ଆଲୋଚନାଚକ୍ର ମାଧ୍ୟମରେ ଶ୍ରୀମା'ଙ୍କ ପଣ୍ଡିଚେରୀକୁ ଶେଷଥର ଆଗମନୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷ୍ୟେ ଆଶ୍ରମରୁ ଆସିଥିବା ଆଶୀର୍ବାଦ ବାଣୀ ବିତରଣ କରାଯାଇଥିଲା। ସମର୍ପଣ ମଣ୍ଡଳରୁ ଦୀର୍ଘ ୧୨ ବର୍ଷ ଧରି କ୍ରମାଗତ ଭାବେ ପ୍ରକାଶିତ ହୋଇ ଆସୁଥିବା "ଦିବ୍ୟ ସୁରଭି" ପତ୍ରିକାର ଚଳିତ ଏପ୍ରିଲ ସଂଖ୍ୟାକୁ ପାପଡ଼ାହାଣ୍ଡି ତହସିଲଦାର ସଦାନନ୍ଦ ସେଠୀ ଉନ୍ମୋଚନ କରିଥିଲେ। ଏଥିରେ ଲଳିତ ମୋହନ ପଟ୍ଟନାୟକଙ୍କ ଅଧକ୍ଷତା ଓ ସୁରେଶ ଚନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ "ଏପ୍ରିଲ ୨୪ର ତାତ୍ପର୍ଯ୍ୟ" "ପୂର୍ଣ୍ଣାଙ୍ଗ ଶିକ୍ଷାର ବିଶେଷତ୍ୱ" ସମ୍ପର୍କୀୟ ମନୋଜ୍ଞ ଆଲୋଚନା ଯଥାକ୍ରମେ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଓ ଶ୍ରୀମତୀ ସଙ୍ଗୀତା ପଟ୍ଟନାୟକ କରିଥିଲେ। ଚନ୍ଦନ ଭୂମିଆ, ଅଜୟ କୁମାର ସାହୁ, ଉଷାରାଣୀ, ସୁଜାତା, ଅଭିମନ୍ୟୁ ବେହେରା, ଅରକ୍ଷିତ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**କୋରାପୁଟ:** ୪.୪.୧୦ରେ ଶ୍ରୀଅରବିନ୍ଦ ଭବନ, ଜୟପୁରଠାରେ ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଗମନର ଶତବାର୍ଷିକୀ ଉପଲକ୍ଷ୍ୟେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରେକୃଷ୍ଣ ପ୍ରଧାନ ଅଂଶଗ୍ରହଣ କରିଥିଲେ।... ୬.୪.୧୦ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜୟପୁରର ୨୨ତମ ବାର୍ଷିକ ଉତ୍ସବ ନିର୍ମଳଚନ୍ଦ୍ର ମଲ୍ଲିକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ଏଥିରେ ଲଳିତ ମୋହନ ପଟ୍ଟନାୟକ "ସାଂପ୍ରତିକ ପରିସ୍ଥିତିରେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଯୋଗ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ଏକମାତ୍ର ବିକଳ୍ପ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରବି ନାରାୟଣ ନନ୍ଦ, ଚିତ୍ତରଞ୍ଜନ ପଣ୍ଡା, ହରିହର ସାହୁ, ଉଦୟନାଥ ଦାଶ ଅଂଶଗ୍ରହଣ କରିଥିଲେ।

**ରାୟଗଡ଼ା:** ୪.୪.୧୦ରେ ମାତୃବିହାର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଗମନର ଶତବାର୍ଷିକୀ ଉପଲକ୍ଷ୍ୟେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରୋଜକାନ୍ତ ମିଶ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମୀନାରାୟଣ ସାହୁ, ନୀଳକଣ୍ଠ ଦାଶ, କିଶୋର ଚନ୍ଦ୍ର ପଣ୍ଡା ଅଂଶଗ୍ରହଣ କରିଥିଲେ।

## ଆସ୍ପା ମଣ୍ଡଳ

**ଭଦ୍ରକ:**-୨୧.୩.୧୦ରେ ସମରାଇପୁରସ୍ଥିତ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ରର ୧୯୩ତମ ଅଧିବେଶନ ନିରାକାର ନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ନୂତନ ମାନବଜାତି ସୃଷ୍ଟିରେ

ମହିଳାମାନଙ୍କ ଭୂମିକା", "ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟରେ ଯଥାର୍ଥ ସହଯୋଗ" ସମ୍ପର୍କରେ ବସନ୍ତମଞ୍ଜରୀ ନନ୍ଦ, ବାସନ୍ତୀ ତରାଇ, ଝୁନୁରାଣୀ ଖିଲାର, କାର୍ତ୍ତିକେଶ୍ୱର ଖୁଣ୍ଟିଆ, ଭକ୍ତହରି ରଥ, ଗୋଲକ ବିହାରୀ ସାହୁ, ଇନ୍ଦ୍ରମଣି ମହଲ ଆଲୋଚନା କରିଥିଲେ।... ୨୮.୩.୧୦ରେ ଭ୍ରାମ୍ୟମାଣ ଶ୍ରୀଅରବିନ୍ଦ ପାଠଚକ୍ରର ୭୪ତମ ଅଧିବେଶନ ଖଗେଶ୍ୱର ବେହୁରା ଓ ବିଶ୍ୱମୈତ୍ରୀ ବେହୁରାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଥଛି। ଏଥିରେ "ବିଶ୍ୱବାୟା (ମନ - ସ୍ୱପ୍ନ ଓ ଚିତ୍ତବିଭ୍ରମ)" ସମ୍ପର୍କରେ ଇନ୍ଦ୍ରମଣି ମହଲ ଆଲୋଚନା କରିଥିଲେ।... ମାର୍ଚ୍ଚ ୨୭ ଓ ୨୮ ଦୁଇ ଦିନ ଧରି ନବମ ବାର୍ଷିକ ଶ୍ରୀଅରବିନ୍ଦ ଯୁବଛାତ୍ର ଶିବିର ଓ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀମା'ଙ୍କ ଅସ୍ତିତ୍ୱ ଓ କର୍ତ୍ତୃତ୍ୱ ଉପରେ ଆସ୍ଥା", "ଯୁଗ ସଙ୍କଟ ଓ ଶ୍ରୀଅରବିନ୍ଦ", "ଗୀତା ଓ ଶ୍ରୀଅରବିନ୍ଦ", "ଶ୍ରୀମା'ଙ୍କ ସ୍ଥୂଳଜୀବନ ଚର୍ଯ୍ୟା ହିଁ ପୂର୍ଣ୍ଣଯୋଗ ସାଧନା", "ଆମ ସାଧନା ପଥ", " ପୂର୍ଣ୍ଣଯୋଗରେ ନାରୀର ଭୂମିକା", "ଶ୍ରୀଅରବିନ୍ଦ ଓ ମାନବ ସମାଜର ଭବିତବ୍ୟ" ସମ୍ପର୍କରେ ବାଳକୃଷ୍ଣ ନାୟକ, ଅରବିନ୍ଦ ସାହୁ, ଭକ୍ତହରି ରଥ, ନିରୂପମା ନୟକ ପ୍ରମୂଖ ଆଲୋଚନା କରିଥିଲେ।... ୨୯.୩.୧୦ରେ ମଞ୍ଜୁରୀରୋଡ଼ସ୍ଥିତ ଖପୁରୀଆପଦା ଗ୍ରାମରେ ଶ୍ରୀଅରବିନ୍ଦ ଦିବ୍ୟକୃପା ପାଠଚକ୍ରର ୭ମ ବାର୍ଷିକ ଉତ୍ସବ ଭାଗିରଥି ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା ଓ ଜୀବନରେ ଏହାର ପ୍ରଭାବ" ସମ୍ପର୍କରେ ଇନ୍ଦ୍ରମଣି ମହଲ, "ମାତୃପ୍ରେମୀମାନଙ୍କ ଜୀବନର ସମସ୍ୟା ଓ ସମାଧାନ" ସମ୍ପର୍କରେ ଭକ୍ତହରି ରଥ ଆଲୋଚନା କରିଥିଲେ।... ୧.୪.୧୦ରେ ରାମପୁର ନୋଡାଲସ୍ଥିତ ଇଂରାଜୀ ବିଦ୍ୟାଳୟଠାରେ ଚୈତନ୍ୟ ଚରଣ ମହାପାତ୍ରଙ୍କ ଆୟୋଜନରେ ଏବଂ ଭଗବାନ ନାୟକବର୍ମାଙ୍କ ଅଧକ୍ଷତାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଗମନର ଶତବାର୍ଷିକୀରେ ଆମେ କିପରି ଯୋଗ୍ୟ ହୋଇଉଠିବା" ସମ୍ପର୍କରେ ଇନ୍ଦ୍ରମଣି ମହଲ, ନିରୂପମା ନାୟକ, ବନମାଳୀ ସାହୁ ଆଲୋଚନା କରିଥିଲେ। ... ୨.୪.୧୦ରେ ଚରମ୍ପାସ୍ଥିତ ଲକ୍ଷ୍ମୀନାରାୟଣ ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ରର ୧୯୪ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୁରୁଷୋତ୍ତମ ତତ୍ତ୍ୱ ଓ ପୂର୍ଣ୍ଣଯୋଗ" ସମ୍ପର୍କରେ ଇନ୍ଦ୍ରମଣି ମହଲ, "ସବୁକିଛି ସମ୍ଭବ ଯଦି ଭଗବାନଙ୍କର ସ୍ପର୍ଶ ଥାଏ" ସମ୍ପର୍କରେ ସୁବୋଧ କୁମାର ଦାସ ଓ ଗୋଲକ ବିହାରୀ ସାହୁ ଆଲୋଚନା କରିଥିଲେ।... ୯.୪.୧୦ରେ ବିଶାଣିଖରଦାର ରାଜେନ୍ଦ୍ର ସାମଲଙ୍କ ବାସଭବନରେ ଆୟୋଜିତ ଏକ ବିଶେଷ ପାଠଚକ୍ରରେ "ଶିଶୁର ଜନ୍ମଦିନରେ ମା'ଙ୍କ ଆଶୀର୍ବାଦ ଭିକ୍ଷା କାହିଁକି ?" ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭକ୍ତହରି ରଥ ଓ ଜଗବନ୍ଧୁ ଲେଙ୍କା ଆଲୋଚନା କରିଥିଲେ।... ୧୧.୪.୧୦ରେ କଚେରୀ ବଜାରସ୍ଥିତ କିରଣ କୁମାର ଗୁପ୍ତାଙ୍କ ବାସଭବନ ପରିସରରେ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ରର ୧୯୪ ତମ ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ "ଶ୍ରୀମା'ଙ୍କ ପରି ଆମେ ମଣିଷ, ପଶୁପକ୍ଷୀ, ଉଦ୍ଭିଦ ଓ ସକଳ ବସ୍ତୁକୁ ଭଲପାଇ ପାରିବା କିପରି ?" ଓ "ଆଦର୍ଶ ଶିଶୁ ଗଢ଼ିବାରେ ମା'ର ତ୍ୟାଗ" ସମ୍ପର୍କରେ ଅନନ୍ତ ମହାନ୍ତି, ସୁବୋଧ ଦାସ, ଭକ୍ତହରି ରଥ, ଗୋଲକ ବିହାରୀ ସାହୁ, ଗୀତା କୁମାରୀ ପରିଡ଼ା

ଓ ବସନ୍ତ ମଞ୍ଜରୀ ନନ୍ଦ ପ୍ରମୁଖ ଆଲୋଚନା କରିଥିଲେ।... ୧୮.୪.୧୦ରେ ପୀତବାସ ସାମଲ ଶ୍ରୀଅରବିନ୍ଦ ପାଠଚକ୍ର ବାର୍ଷିକୋତ୍ସବ ତଥା ଭ୍ରାମ୍ୟମାଣ ପାଠଚକ୍ରର ୧୯୬ତମ ଅଧିବେଶନ ଆୟୋଜନ କରିଥିଲେ। ଏଥିରେ "ଯୋଗସ୍ଥ କୁରୁ କର୍ମାଣୀ" ଓ "ଅଧିକ ମାତୃପରିବାର ଗଠନ କେମିତି କରିବା" ସମ୍ବନ୍ଧରେ ଭକ୍ତହରି ରଥ, ଗୋଲକ ବିହାରୀ ସାହୁ, ଅରବିନ୍ଦ ସାହୁ, କାର୍ତ୍ତିକେଶ୍ୱର ଖୁଣ୍ଟିଆ, ଇନ୍ଦ୍ରମଣି ମହଲ, ସୁବୋଧ କୁମାର ଦାସ, ସବିତା ଅପା ଆଲୋଚନା କରିଥିଲେ।

**ମୟୂରଭଞ୍ଜ:-** ୧୪.୪.୧୦ରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ଷଡ଼୍‌ବିଂଶତମ ଦିବସ ଶ୍ରୀଅରବିନ୍ଦ ନିତ୍ୟ ନିବାସ, ବୈଶିଙ୍ଗାଠାରେ ପାଳିତ ହୋଇଯାଇଛି। ଏଥିରେ ଗଦାଧର ମିଶ୍ର, ପ୍ରସାଦ ତ୍ରିପାଠୀ, କୀର୍ତ୍ତନ ବିହାରୀ ବ୍ରହ୍ମା, ଗଦାଧର ପରିଡ଼ା, ରାମେଶ୍ୱର ବେହେରା ପ୍ରମୁଖ ଅନ୍ତର୍ଯ୍ୟାମୀ ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।... ୧୫.୪.୧୦ରେ ଶ୍ରୀଅରବିନ୍ଦ ଅତିମାନସଧାମ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶ୍ରୀଅରବିନ୍ଦ ନଗରର ୨୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଦର୍ଶନ" ସମ୍ପର୍କରେ କୀର୍ତ୍ତନ ବିହାରୀ ବ୍ରହ୍ମା, ନରହରି ଭଦ୍ର, ମୂରଲୀଧର ଦାସ, ଖଗେନ୍ଦ୍ର ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୈତାରୀ ପଣ୍ଡା, ସୁଧୀର, ଗଦାଧର ପରିଡା, ମନ୍ମଥ କୁଣ୍ଡ, ବିଜୟ କୁମାର ପରିଡା ଅଂଶଗ୍ରହଣ କରିଥିଲେ।

## ସତ୍ୟ ମଣ୍ଡଳ

**ଜଗତ୍‌ସିଂହପୁର :** ୧୧.୪.୧୦ ଓ ୧୨.୪.୧୦ରେ ତୁଳଙ୍ଗ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ସ୍କୁଲର ବାର୍ଷିକ ଉତ୍ସବ ଓ ଜଗତ୍‌ସିଂହପୁର ଜିଲ୍ଲାର ଆଲୋକ ସେନା କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରମେଶ ଚନ୍ଦ୍ର ଦଳାଇ, ରବୀନ୍ଦ୍ର କୁମାର ରାଉତ, କୁସୁମାଞ୍ଜଳି ଦାସ, ଧ୍ରୁବ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ୨୫.୪.୧୦ ରୁ ୨୭.୪.୧୦ ପର୍ଯ୍ୟନ୍ତ ଅରୋମିରା ଆଶ୍ରମବାସୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତିର୍ତ୍ତୋଲଠାରେ ଏକ ଯୁବଛାତ୍ର ସମ୍ମିଳନୀ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କୀର୍ତ୍ତନ ବିହାରୀ ବ୍ରହ୍ମା, କିର୍ତ୍ତନ ରାଉତ, ଉର୍ମିଳା ରାଉତ, କ୍ଷୀରୋଦ ଚନ୍ଦ୍ର ବିହାରୀ, ଭଗବତୀ ପ୍ରସାଦ ଦାସ, ସର୍ବେଶ୍ୱର ମହାପାତ୍ର, ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ "ଏକତ୍ୱରେ ଆନନ୍ଦ ଓ ଶ୍ରୀଅରବିନ୍ଦଙ୍କ ଯୋଗ" ପ୍ରସଙ୍ଗରେ ଆଲୋଚନା କରୁଥିଲେ।... ଉକ୍ତଦିନ ଆମ୍ବଶାଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।... ୨.୫.୧୦ରେ ଶ୍ରୀଅରବିନ୍ଦ ପାଠଚକ୍ର, ଆମ୍ବଶାଳର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏଥିରେ ମୁଖ୍ୟ ବକ୍ତାଭାବେ ଜଗତ ପ୍ରସାଦ ମହାନ୍ତି ଓ ମୁଖ୍ୟ ଅତିଥିଭାବେ ଶିକ୍ଷାଜିଲ୍ଲା ଅଧିକାରୀ ଡ:ପିତାମ୍ବର ରାଉତ, ରବୀନ୍ଦ୍ର କୁମାର ରାଉତ ଯୋଗଦେଇ ବର୍ତ୍ତମାନ ସମୟରେ ଶ୍ରୀଅରବିନ୍ଦଙ୍କ ଯୋଗର ଆବଶ୍ୟକତା ଉପରେ ଆଲୋଚନା ହୋଇପାରେ।

**କେନ୍ଦ୍ରାପଡ଼ା :** ୧୩.୪.୧୦ରେ ଗରଦପୁର ବ୍ଲକସ୍ଥ ଅର୍ଜ୍ଜୁନପୁର ଗ୍ରାମରେ ଦୁଇଟି ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଉନ୍ମୋଚନ କରାଗଲା। ବ୍ଲକ୍ ସଙ୍ଗଠକ ମାଗୁଣି ଚରଣ ଦାଶ ଓ ଶୁକଦେବ ସାମଲ ଉପସ୍ଥିତ ରହି "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ, କାହିଁକି ଓ କିପରି" ଉପରେ ଆଲୋଚନା କରିଥିଲେ। ସେ ଦୁଇଟି ନୂତନ ପାଠଚକ୍ରରେ ଯଥାକ୍ରମେ ଆଶିଷ କୁମାର ସାହୁ

ଓ ମନୋରଞ୍ଜନ ସାହୁ ସମ୍ପାଦକ ରହିଲେ।... ୧୪.୪.୧୦ରେ ପ୍ରହ୍ଲାଦ ସ୍ୱାଇଁ, ଶିଶୁଆଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ୯ମ ବାର୍ଷିକୋତ୍ସବ ସୁବାସ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। "ଶ୍ରୀଅରବିନ୍ଦଙ୍କ ଯୋଗରେ ବାଧାବିଘ୍ନ" ଉପରେ ଆଲୋଚନା କରିଥିଲେ ଗୁଣନିଧି ତ୍ରିପାଠୀ, ମଳୟ କୁମାର ଜେନା, ଶୁକଦେବ ସାମଲ, ଶ୍ୟାମସୁନ୍ଦର ଶତପଥି ଓ କ୍ଷିରୋଦ ଚନ୍ଦ୍ର ବିହାରୀ।... ୧୫.୪.୧୦ରେ ଗୁଆଳସିଂହ ଭ୍ରମରବର ବେହେରା ଓ ସାରଦା ବେହେରାଙ୍କ ଗୃହରେ ଜ୍ୟୋତିର୍ମୟୀ ପାଠଚକ୍ରର ୧୦ମ ବାର୍ଷିକୋତ୍ସବ ସନ୍ତୋଷ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। "ମା' ଆମ ଜୀବନର ସର୍ବସ୍ୱ" ଉପରେ ଆଲୋଚନା କରିଥିଲେ ଶୁକଦେବ ସାମଲ, ଭଗବତୀ ପ୍ରସାଦ ଦାସ ଓ ଅଞ୍ଜନା ପ୍ରଧାନ।... ଉକ୍ତଦିନ ମହାକାଳପଡ଼ା ବ୍ଲକ୍‌ସ୍ଥ ପାଟଳିପଙ୍କ ମାତୃକୃପା ମହିଳା ପାଠଚକ୍ର ନିବେଦିତା ଆଶ୍ରମର ୯ମ ବାର୍ଷିକୋତ୍ସବ ସର୍ବେଶ୍ୱର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଯଦୁନନ୍ଦନ ସାମଲ, ଉର୍ମିଳା ରାଉତ ଓ ପରୀକ୍ଷିତ ତ୍ରିପାଠୀ ଆଲୋଚନା କରିଥିଲେ। କ୍ଷେତ୍ରବାସୀ ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।... ୧୭.୪.୧୦ରେ ବନ୍ତପାଟଣା ଗ୍ରାମର ଶ୍ରୀଅରବିନ୍ଦ ପାଠଚକ୍ର ବାର୍ଷିକୋତ୍ସବ ଗଣେଶ ଚନ୍ଦ୍ର ପରିଡ଼ାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟୀରାମ ଭାଇ, ଉର୍ମିଳା ଅପା, ସର୍ବେଶ୍ୱର ଭାଇ, ନୟନା ଅପା ଓ ଭଗବତୀ ଭାଇ ଆଲୋଚନା କରିଥିଲେ।... ୧୮.୪.୧୦ରେ ମହାକାଳପଡ଼ା ବ୍ଲକସ୍ଥ ପାତ୍ରଗଡ଼ ଗ୍ରାମରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ସର୍ବେଶ୍ୱର ମହାପାତ୍ରଙ୍କ ପରିଚାଳନାରେ ନିର୍ମଳ ଚନ୍ଦ୍ର ପଲାଇ ଉନ୍ମୋଚନ କରିଥିଲେ। ଏଥିରେ "ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅବତରଣର ଉଦ୍ଦେଶ୍ୟ" ଓ "ପୂର୍ଣ୍ଣାଙ୍ଗ ଶିକ୍ଷା ଓ ସାଧାରଣ ଶିକ୍ଷା" ସମ୍ପର୍କରେ ଭଗବତୀ ପ୍ରସାଦ ଦାସ, ଜଗନ୍ ମୋହନ ସ୍ୱାଇଁ ଓ ନିତ୍ୟାନନ୍ଦ ଦାସ ଆଲୋଚନା କରିଥିଲେ।... ୨୪.୪.୧୦ରେ ଡେରାବିଶ ବ୍ଲକ ମଧୁସୂଦନପୁର ଗ୍ରାମର ସାବିତ୍ରୀ ସାହୁଙ୍କ ଆନନ୍ଦମୟୀ ପାଠଚକ୍ରର ଷଷ୍ଠ ବାର୍ଷିକୋତ୍ସବ କ୍ଷୀରୋଦ ଚନ୍ଦ୍ର ବିହାରୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। "ଭବିଷ୍ୟତ ଯୁଗପାଇଁ ପାଠଚକ୍ର ଏକ ପ୍ରସ୍ତୁତିଶାଳା" ଉପରେ ଶୁକଦେବ ସାମଲ, ଭଗବତୀ ପ୍ରସାଦ ଦାସ, ଉର୍ମିଳା ରାଉତ ଓ ସର୍ବେଶ୍ୱର ମହାପାତ୍ର ଆଲୋଚନା କରିଥିଲେ।... ଉକ୍ତଦିନ କଳସପୁର ଶ୍ରୀଅରବିନ୍ଦ ଯୋଗାଶ୍ରମ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଯଥାକ୍ରମେ ୩୯ତମ ଓ ୩ୟ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଭଗବତୀ ପ୍ରସାଦ ଦାସ, ଆଦିକନ୍ଦ ସାହୁ, ଉର୍ମିଳା ରାଉତ ଯୋଗଦେଇ "ପୂର୍ଣ୍ଣାଙ୍ଗ ଶିକ୍ଷା ଓ ତାହାର ଉଦ୍ଦେଶ୍ୟ" ସମ୍ପର୍କରେ ବୁଝାଇଥିଲେ। ୨୫.୪.୧୦ରେ କେନ୍ଦ୍ରାପଡ଼ା ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ନରିଲୋ ସାଧୁଚରଣ ଜେନାଙ୍କ ଗୃହରେ ଶୁକଦେବ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। "ବାବାଜି ମହାରାଜଙ୍କ ଗ୍ରନ୍ଥାବଳୀ ପ୍ରଥମ ଭାଗରୁ ସର୍ବେଶ୍ୱର ମହାପାତ୍ର, ଭଗବତୀ ପ୍ରସାଦ ଦାସ, ମଳୟ କୁମାର ଜେନା, ଅଞ୍ଜନା ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ।

**କଟକ:** ୪.୩.୧୦ରେ ଦରଡାଶାସନସ୍ଥିତ କୁଳଦୀପ ମହାପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀମା କିଏ ? ତାଙ୍କର କାର୍ଯ୍ୟ କ'ଣ" ସମ୍ପର୍କରେ ଆଲୋଚନା

କରାଯାଇଥିଲା ।... ୨୩.୩.୧୦ରେ କମାପୁରସ୍ଥିତ ହେମାଙ୍ଗୀନୀ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ବିଶ୍ୱାସ ବଳେ ମୂର୍ଖଜ୍ଞାନୀ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୨.୪.୧୦ରେ କଲ୍ୟାଣୀନଗରସ୍ଥିତ ପଦ୍ମଚରଣ ମହାନ୍ତିଙ୍କ ବାସଭବନରେ ଶ୍ରୀଅରିବିନ୍ଦ ପାଠଚକ୍ରର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।... ଏପ୍ରିଲ ୪ ରୁ ୭ ପର୍ଯ୍ୟନ୍ତ କଟକ ମାତୃଭବନଠାରେ ୪୦ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।.... ୧୧.୪.୧୦ରେ ଆଠଗଡସ୍ଥିତ ବିଶ୍ୱନାଥ ବିଦ୍ୟାପୀଠଠାରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ନିରାକାର ଭାଇ ଅଂଶଗ୍ରହଣ କରିଥିଲେ । ଏଥିରେ ମାୟାଧର ସାହୁ, କୈବଲ୍ୟ ଜେନା, ଅଦ୍ୱୈତ ଚରଣ ପଣ୍ଡା, ମହେନ୍ଦ୍ର ପରିଡା, କୃଷ୍ଣଚନ୍ଦ୍ର ସ୍ୱାଇଁ, ସ୍ୱଚିତ୍ର କୁମାର ସାହୁ, ଅକ୍ଷୟ କୁମାର ସାହୁ, ଶ୍ରୀକାନ୍ତ ସାହୁ, ଅଭିମନ୍ୟୁ ମହାରଣା, କୁମୁଦିନୀ ପଣ୍ଡା ଅଂଶଗ୍ରହଣ କରିଥିଲେ ।... ୧୩.୪.୧୦ରେ ଚୌଦ୍ୱାରସ୍ଥିତ ଗୌରୀଶଙ୍କର ବିଶ୍ୱାଳଙ୍କ ବାସଭବନରେ ଏକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିରାକାର ଭାଇଙ୍କ ଦ୍ୱାରା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ନିରୁ ଅପା, କୈବଲ୍ୟ ଭାଇ ତଥା ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ ପାଠଚକ୍ରମାନଙ୍କରୁ ଅନେକ ଅପା ଭାଇ ଯୋଗଦାନ କରିଥିଲେ ।... ୧୪.୪.୧୦ରେ କଟକ ଜିଲ୍ଲାସ୍ଥିତ ନିଶ୍ଚିନ୍ତକୋଇଲି ବ୍ଲକର କଟିକଟା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଏଥି ସହିତ ନିରାକାର ଭାଇଙ୍କ ସାଲେପୁର, ମହାଙ୍ଗା, ନିଶ୍ଚିନ୍ତକୋଇଲି ବ୍ଲକର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନେକ ମାତୃପ୍ରେମୀ ଅପାଭାଇ ଯୋଗଦାନ କରିଥିଲେ ।... ୧୪.୪.୧୦ରେ ସିଦ୍ଧେଶ୍ୱରପୁରଠାରେ ଅଭିଭାବକ ଓ ଶିକ୍ଷାକର୍ମୀମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଭଗବତ ପ୍ରାପ୍ତି" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୧୭.୪.୧୦ରେ କମାପୁରସ୍ଥିତ ମିଲି ଭୋଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ଯୁବଛାତ୍ର ସମାଜ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଭଗବତ ଅନୁଭବ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୨୫.୪.୧୦ରେ ନିଶ୍ଚିନ୍ତକୋଇଲି ବ୍ଲକସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କାକୁଡ଼ିଆପଡ଼ା (ବଗିଚା)ର ପ୍ରତିଷ୍ଠା ଦିବସ ଦିଲ୍ଲୀପ କୁମାର ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ "ପ୍ରଚଳିତ ଶିକ୍ଷା ଓ ପୂର୍ଣ୍ଣାଙ୍ଗ ଶିକ୍ଷା" ଉପରେ ଆଲୋଚନା କରିଥିଲେ ଗରଦପୁର ବ୍ଲକ ଆବାହକ ଶୁକଦେବ ସାମଲ ।

**କଟକ ସହର ପାଠଚକ୍ର ସଙ୍ଗଠନ କାର୍ଯ୍ୟକ୍ରମ:** ୩୦.୪.୧୦ରେ ସିଡିଏସ୍ଥିତ ବୀରେନ୍ଦ୍ର ପରିଜାଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୪.୪.୧୦ରୁ ୭.୪.୧୦ ପର୍ଯ୍ୟନ୍ତ କଟକ ମାତୃଭବନଠାରେ ୪୦ ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସମ୍ମିଳନୀରେ ବିଭିନ୍ନ ବିଶିଷ୍ଟ ବକ୍ତାମାନେ ଆଧାତ୍ମିକ ଆଲୋଚନାରେ ଦୀର୍ଘ ୪ ଦିନ ଧରି ଅଂଶଗ୍ରହଣ କରିଥିଲେ ।... ୨.୪.୧୦ରେ କଲ୍ୟାଣୀନଗରସ୍ଥିତ ପଦ୍ମଚରଣ ମହାନ୍ତିଙ୍କ ବାସଭବନରେ ଦଶମ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଅଛି ।... ୧୦.୪.୧୦ରେ ରାଜେନ୍ଦ୍ରନଗରସ୍ଥ କାଳୀଚରଣ ମହାନ୍ତିଙ୍କ୍

ବାସଭବନରେ ଦ୍ୱିତୀୟ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଅଛି ।... ୧୫.୪.୧୦ରେ ଚାଉଳିଆଗଞ୍ଜ ଅପର୍ଣ୍ଣାନଗରସ୍ଥିତ ରାଜଲକ୍ଷ୍ମୀ ସାହୁଙ୍କ ବାସଭବନରେ ତୃତୀୟ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଅଛି ।... ୧୮.୪.୧୦ରେ ବାଖରାବାଦସ୍ଥିତ ସୋନାଲିକା ବେହେରାଙ୍କ ବାସଭବନରେ ତୃତୀୟ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଅଛି ।... ୨୨.୪.୧୦ରେ ରାଜେନ୍ଦ୍ରନଗରସ୍ଥ କିଶୋରୀ ବେହେରାଙ୍କ ବାସଭବନରେ ଷଷ୍ଠ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଅଛି ।... ୨୭.୪.୧୦ରେ ରାଣୀହାଟ, ଏମ୍ପୋରିଅୟମ ଲେନ୍‌ସ୍ଥିତ ଡ:ବିରଞ୍ଚି ନାରାୟଣ ମହାପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାର୍ଷିକୋତ୍ସବଅନୁଷ୍ଠିତ ହୋଇଯାଇଅଛି ।... ୨୨.୩.୧୦ରେ ରାଣୀହାଟ, ଶଗଡ଼ିଆସାହିସ୍ଥିତ ଲକ୍ଷ୍ମଣ କାନୁନ୍‌ଗୋଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଅଛି ।... ୧୧.୪.୧୦ରେ ନାଗେଶ୍ୱର ପାତ୍ର ଟେଲରଭ୍‌କ ହୋମିଓପାଥି କଲେଜ ନିକଟସ୍ଥ ବାସଭବନରେ ଏକ ନୂତନ "ଯୋଗମାୟା ଶ୍ରୀଅରବିନ୍ଦ" ପାଠଚକ୍ର ଅନୁଷ୍ଠିତ ହୋଇଯାଇଅଛି । ଏପ୍ରିଲ ମାସ ୩, ୬, ୭, ୧୧ (୨ଟି ସ୍ଥାନ), ୧୪, ୧୭, ୧୮, ୨୪, ୨୫ ତାରିଖରେ ଯଥାକ୍ରମେ ଭାଷାକୋଷଲେନ୍-୧, ଭାଷାକୋଷଲେନ୍-୨, ତଳତେଲେଙ୍ଗାବଜାର, ସି,ଡ଼ି.ଏ, ଚାଉଳିଆଗଞ୍ଜ, ବେଲେଶ୍ୱର, ରାଜେନ୍ଦ୍ର ନଗର, ଅଦରପୁର, କଲ୍ୟାଣୀନଗର ଓ ବାଦାମବାଡ଼ି ଜୋନ୍‌ର ଶ୍ରୀଅରବିନ୍ଦ ମାସିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ମାସର ଆଲୋଚ୍ୟ ବିଷୟ ଥିଲା "ଯୋଗାଧାର" ପୁସ୍ତକର ପୃଷ୍ଠା- ୧ ରୁ ୧୫ ପର୍ଯ୍ୟନ୍ତ ।

●

## ଶିକ୍ଷକ / ଶିକ୍ଷୟିତ୍ରୀ ଆବଶ୍ୟକ

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସା- ଗବବସ୍ତ, ପୋ- ଗବବସ୍ତ, ଭାୟା- ଫୁଲନଖରା, ଜି- କଟକ, ଫୋନ ନଂ- ୯୪୩୯୫୫୧୦୮୧ ଜଣାଇଛନ୍ତି ଯେ, ତାଙ୍କ ଶିକ୍ଷାକେନ୍ଦ୍ର ପାଇଁ +୩ କଳା କିମ୍ବା ବିଜ୍ଞାନ ପାସ୍ କରିଥିବା ତିନିଜଣ ମାତୃପ୍ରେମୀ ଶିକ୍ଷକ / ଶିକ୍ଷୟିତ୍ରୀ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥୀନୀ ଉପରୋକ୍ତ ଠିକଣାରେ ଯଥାଶିଘ୍ର ଯୋଗାଯୋଗ କରିବାକୁ ଅନୁରୋଧ ।

x x x x

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃଭବନ, ବାରଦା, ଢେଙ୍କାନାଳ ଆବାସିକ ଅନୁଷ୍ଠାନ ପାଇଁ +୨ ବିଜ୍ଞାନ କିମ୍ବା +୩ କଳା ଯୋଗ୍ୟତା ସମ୍ପନ୍ନ ଅନ୍ୟୂନ ତିନି /ଚାରିଜଣ ମାତୃପ୍ରେମୀ ଶିକ୍ଷକ / ଶିକ୍ଷୟିତ୍ରୀ ଆବଶ୍ୟକ । ତାଲିମପ୍ରାପ୍ତ ଓ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ନିମ୍ନ ଠିକଣାରେ ମେ ୨୦ ତାରିଖ ମଧ୍ୟରେ ଆବେଦନ ଓ ସାକ୍ଷାତ କରନ୍ତୁ ।

# ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟ

## ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର, ଡାଲିଯୋଡ଼ା, ପୋ.ଅ- କରଞ୍ଜି, ଜି: କଟକ- ୭୫୪୦୨୨

ଶ୍ରୀଅରବିନ୍ଦ ଶୈକ୍ଷିକ ଗବେଷଣା ପରିଷଦର ଜିଲ୍ଲା ଆବାହକମାନଙ୍କ ପାଇଁ -

ପ୍ରିୟ ବନ୍ଧୁଗଣ, ନମସ୍କାର।

ନିକଟରେ ଅନୁଷ୍ଠିତ ହୋଇଥିବା ୪୦ତମ ନିଖିଳ ଓଡ଼ିଶା ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ୬.୪.୨୦୧୦ରେ ଅନୁଷ୍ଠିତ ସାଙ୍ଗଠନିକ ସଭାରେ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟ ସଂକ୍ରାନ୍ତୀୟ ଗୃହୀତ ନିମ୍ନ କାର୍ଯ୍ୟକ୍ରମଗୁଡ଼ିକ ଆପଣଙ୍କ ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ହେବ।

୧. ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର ଏକ ଗବେଷଣାତ୍ମକ କାର୍ଯ୍ୟ ହିସାବରେ ରାଜ୍ୟରେଥିବା ପ୍ରତ୍ୟେକ ଦେହାଂଶ ସ୍ଥାପନକେନ୍ଦ୍ର (ରିଲିକ୍ସ ସେଣ୍ଟର)ର ଇତିହାସ ରଚନା କରିବାକୁ ହେବ ଯଦ୍ୱାରା ସେସବୁକୁ ଏକତ୍ର ସଙ୍କଳନ କରି ଭବିଷ୍ୟତପାଇଁ ଏକ ତଥ୍ୟଆଧାରିତ ପୁସ୍ତକ ହିସାବରେ ବ୍ୟବହାର କରାଯାଇପାରିବ। ଏଣୁ ଜଣେ ମାତୃ ସଙ୍ଗଠକ/ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା କିମ୍ବା ଭାଇ/ ଜିଲ୍ଲା ପାଠଚକ୍ରର ସଦସ୍ୟ ପରି ଜଣେ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିଙ୍କୁ ଏହି କାର୍ଯ୍ୟର ଭାର ନ୍ୟସ୍ତ କରିବାକୁ ହେବ ଏବଂ ଆଉ ଜଣେ ଅନୁରୂପ ସଦସ୍ୟ ଉକ୍ତ ବ୍ୟକ୍ତିଙ୍କର ଉପଦେଷ୍ଟା ଭାବରେ କାର୍ଯ୍ୟ କରିବେ। ଉଭୟ ଗବେଷକ ଓ ଉପଦେଷ୍ଟା, ଦେହାଂଶ କେନ୍ଦ୍ରଟିର ସ୍ଥାପନାପାଇଁ ପ୍ରସ୍ତାବନାଠାରୁ ଆରମ୍ଭ କରି ପ୍ରଭୁଙ୍କର ଦେହାଂଶ ପ୍ରତିଷ୍ଠା ପର୍ଯ୍ୟନ୍ତ ସମାହିତ ପ୍ରତିଟି କାର୍ଯ୍ୟର ବିବରଣୀ ସଠିକ୍ ଭାବରେ ସଂଗ୍ରହ କରିବେ ଏବଂ କ୍ରମାନ୍ୱୟରେ ସେସବୁକୁ କେତେଗୋଟି ପରିଚ୍ଛେଦ (Chapter)ରେ ସଜାଇ ଲେଖିବେ। ଯେଉଁ ସମସ୍ତ କ୍ଷେତ୍ରରୁ ବିବରଣୀଗୁଡ଼ିକ ସଂଗ୍ରହ କରାଯିବ, ସେ ସମସ୍ତର ତଥ୍ୟ ସନ୍ଦର୍ଭଟିର ଯଥାଯଥ ସ୍ଥାନରେ ୧, ୨, ୩ ଇତ୍ୟାଦି ସଂଖ୍ୟାଦ୍ୱାରା ଉଦ୍ଧୃତ (reference) ମୂଳଉତ୍ସଭାବରେ ଚିହ୍ନିତ କରିବେ। ଏହି ସମସ୍ତ ଉଦ୍ଧୃତିକୁ ସନ୍ଦର୍ଭଟିର ଶେଷରେ ସହାୟକ ଗ୍ରନ୍ଥସୂଚୀ/ସଂଗୃହୀତ ତଥ୍ୟାବଳୀର ଉତ୍ସ (Bibliograophy) ରୂପେ ଦର୍ଶାଇବେ। ପୂର୍ଣ୍ଣାଙ୍ଗ ନିବନ୍ଧଟି ଏପରି ହେବା ଆବଶ୍ୟକ ଯେପରିକି ଏହା ଭବିଷ୍ୟତ ପାଇଁ ଏକ ତଥ୍ୟ ଆଧାରିତ ରଚନା ରୂପେ ବିବେଚିତ ହେବ। ଗବେଷଣାତ୍ମକ ଲେଖାଟି ଓଡ଼ିଆ କିମ୍ବା ଇଂରାଜୀରେ ଲେଖାଯାଇପାରେ, କିନ୍ତୁ ଯଦି ଓଡ଼ିଆରେ ଲେଖାଯାଏ ତେବେ ବହୁତ ଭଲ ହେବ।

ଏହି ମାତୃକାର୍ଯ୍ୟପାଇଁ ମନୋନୀତ ଗବେଷକ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର ଉଦ୍ଦିଷ୍ଟ ଦରଖାସ୍ତ ଫର୍ମଟି ପୂରଣ କରି ସେଥିରେ ତାଙ୍କ ସହିତ ସାମିଲ ହୋଇଥିବା ଉପଦେଷ୍ଟାଙ୍କର ସହମତି ସହ ଦାଖଲ କରିବେ। ଦରଖାସ୍ତ ଫର୍ମ ସହିତ ଗବେଷଣା ପାଇଁ ଚିନ୍ତାକରାଯାଇଥିବା ଯୋଜନାର ଏକ ସଂକ୍ଷିପ୍ତ ରୂପରେଖ ବା ସିନୋପ୍‌ସିସ୍ (synopsis)ଟି ଦେବେ।

୨. ପୂର୍ବରୁ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର କନିଷ୍ଠ ଶିକ୍ଷାର୍ଥୀ ଗୋଷ୍ଠୀ ସୃଷ୍ଟି କରିବା କାର୍ଯ୍ୟକ୍ରମଟି ତ୍ୱରାନ୍ୱିତ କରିବାକୁ ହେବ। ପ୍ରତି ଜିଲ୍ଲାର ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା ପରିଷଦର ଆବାହକ ଏହି କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ପୂର୍ଣ୍ଣ ବିବରଣୀ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରୁ ସଂଗ୍ରହ କରି ରାଜ୍ୟର ଆବାହକଙ୍କ ନିକଟକୁ ପଠାଇବେ।

୩. ଜିଲ୍ଲା/ମଣ୍ଡଳ ସ୍ତରରେ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର ବରିଷ୍ଠ ତଥା କନିଷ୍ଠ ଶିକ୍ଷାର୍ଥୀ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା ଓ ଭାଇମାନଙ୍କ ପାଇଁ ସେମିନାର (Seminar) / କର୍ମଶାଳା (Workshop) ଇତ୍ୟାଦି ଜିଲ୍ଲା/ମଣ୍ଡଳର କୌଣସି କେନ୍ଦ୍ର ସ୍ଥାନରେ ଆୟୋଜନ କରିବାକୁ ହେବ। ଏପରି କାର୍ଯ୍ୟକ୍ରମର ପ୍ରସ୍ତାବ ଯଥେଷ୍ଟ ଆଗରୁ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର ରାଜ୍ୟ ଆବାହକଙ୍କୁ ଜଣାଇବା ଆବଶ୍ୟକ।

ଆପଣଙ୍କ ଜିଲ୍ଲାରେ ଏହି ପ୍ରସ୍ତାବଗୁଡ଼ିକ ଯେପରି କାର୍ଯ୍ୟକାରୀ ହୁଏ ତାହା ଦେଖିବାପାଇଁ ଆପଣଙ୍କୁ ବିଶେଷଭାବେ ଅନୁରୋଧ କରାଯାଉଛି ଯଦ୍ୱାରା ଆମ୍ଭେମାନେ ଓଡ଼ିଶାରେ ମା'ଙ୍କ କାର୍ଯ୍ୟ ସମ୍ପାଦନରେ କିଛି ପରିମାଣରେ ସହାୟତା କରିପାରିବା।

ପ୍ରସାଦ ତ୍ରିପାଠୀ, ଆବାହକ

## ଦେହାଂଶ ପ୍ରତିଷ୍ଠା କେନ୍ଦ୍ରର ଇତିହାସ ଲେଖାପାଇଁ ଯୋଜନାର ରୂପରେଖ ବା synopsis

ଏଥିରେ ନିମ୍ନ ଅଧ୍ୟାୟଗୁଡ଼ିକ ରଖାଯାଇପାରେ

**୧. ଉପକ୍ରମ :** ଦେହାଂଶ କ'ଣ, ଏହାର ପ୍ରାଧାନ୍ୟ, ପ୍ରଭୁଙ୍କର ଓ ଶ୍ରୀମା'ଙ୍କର ଦେହାଂଶ କିପରି ସଂଗ୍ରହ କରାଯାଇଥିଲା, ଦେହାଂଶ କିପରି ସାଇତି ରଖାଯାଇଥିଲା। ଦେହାଂଶ କେନ୍ଦ୍ର ସ୍ଥାପନର ଆବଶ୍ୟକତା ଓ ସେଥିପାଇଁ ପ୍ରେରଣା ଇତ୍ୟାଦି।

**୨. ଦେହାଂଶ କେନ୍ଦ୍ର ସ୍ଥାପନପାଇଁ ନିର୍ଦ୍ଦିଷ୍ଟ ଯୋଜନା :** ଉକ୍ତ ଅଞ୍ଚଳର ପାଠଚକ୍ର ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଦସ୍ୟମାନଙ୍କର ଏ ସଂକ୍ରାନ୍ତୀୟ ଆହୂତ ସଭା ଓ ସେଥିରେ ଗୃହୀତ ପ୍ରସ୍ତାବଗୁଡ଼ିକର ବିବରଣୀ। ଏହି ଯୋଜନାର ମୁଖ୍ୟ ସଙ୍ଗଠକ ଓ ତାଙ୍କର ଭୂମିକା, କେନ୍ଦ୍ର ସ୍ଥାପନ ପାଇଁ ସ୍ଥାନ ନିରୂପଣ ଓ କାର୍ଯ୍ୟଟି ଆରମ୍ଭ କରିବାପାଇଁ ପ୍ରସ୍ତୁତି, ଆଇନ୍‌ଗତ ସମସ୍ୟାଗୁଡ଼ିକର ସମାଧାନ ଇତ୍ୟାଦି।

**୩. ଯୋଜନାର ଅଗ୍ରଗତି ଓ ଏହାର ସମ୍ୟକ୍ ବିବରଣୀ :** କାର୍ଯ୍ୟଟି କିପରି ଆଗେଇଲା, କେଉଁମାନେ ଏହାର ନିର୍ମାଣରେ ସଂଶ୍ଳିଷ୍ଟ ଥିଲେ, କାର୍ଯ୍ୟ ସମ୍ପାଦନ ବେଳେ ଆସିଥିବା ବାଧାବିଘ୍ନ ଓ ସେଗୁଡ଼ିକ କିପରି ଅତିକ୍ରମ କରାଯାଇଥିଲା, କେବେ ଆରମ୍ଭ ହେଲା ଓ କେଉଁ କେଉଁ ପର୍ଯ୍ୟାୟ ଦେଇ କେବେ ଶେଷ ହେଲା ଇତ୍ୟାଦି।

**୪.** ଦେହାଂଶ କେନ୍ଦ୍ର ସ୍ଥାପନପାଇଁ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟର ଅନୁମତି ନିମିତ୍ତ ଆବଶ୍ୟକ ସର୍ତ୍ତାବଳୀ, ଏଗୁଡ଼ିକ କିପରି ପୂରଣ କରାଯାଇଥିଲା, ଦେହାଂଶ ଆନୟନପାଇଁ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟର ସ୍ୱୀକୃତି ଇତ୍ୟାଦି

**୫.** ଦେହାଂଶ ଆନୟନର ପୂର୍ଣ୍ଣ ବିବରଣୀ **୬.** ଦେହାଂଶ ପ୍ରତିଷ୍ଠା ଦିବସର ପୂର୍ଣ୍ଣ ବିବରଣୀ

**୭.** ଦେହାଂଶ କେନ୍ଦ୍ରଟିର ଯଥାଯଥ ରକ୍ଷଣାବେକ୍ଷଣ ନିମିତ୍ତ ଆବଶ୍ୟକ ପଦକ୍ଷେପ-

୮. ଉପସଂହାର

●

# ଶ୍ରୀଅରବିନ୍ଦ ପାଠଚକ୍ର ଜିଲ୍ଲା କର୍ମୀ ସମ୍ମିଳନୀ - ୨୦୧୦

ମହାଶୟ,

ଶ୍ରଦ୍ଧା ଓ ସମ୍ମାନ ଗ୍ରହଣ କରିବେ। ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଆସନ୍ତା ଜୁଲାଇ ମାସରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ଦିବସମାନଙ୍କରେ ଭିନ୍ନ ଭିନ୍ନ ଜିଲ୍ଲାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସର୍ବଶ୍ରୀ ସି.ଏଚ୍. ନିରାକାର, ଗଦାଧର ମିଶ୍ର ଏବଂ ପ୍ରସାଦ ତ୍ରିପାଠୀ ଯୋଗଦେବେ। ଏହି ସମ୍ମିଳନୀଗୁଡ଼ିକ ସମୟ ଓ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଅନୁଷ୍ଠିତ ହେବା ନିହାତି ଆବଶ୍ୟକ। ଅନୁରୋଧ, ଆପଣଙ୍କ ଅଞ୍ଚଳର ସମସ୍ତ ବ୍ଲକ୍, ସବ୍‌ଡ଼ିଭିଜନ ଏବଂ ଦଶକର୍ମଧାରାର ବିବରଣୀ ସହିତ ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ବିବରଣୀ ସଂଗ୍ରହ କରି ସମ୍ମିଳନୀରେ ପ୍ରଦାନ କରିବେ। ସମ୍ମିଳନୀ ସମୟ ପୂର୍ବାହ୍ନ ଦଶଟାରୁ ଅପରାହ୍ନ ଗୋଟାଏ ମଧ୍ୟରେ ନିଶ୍ଚୟ ସୀମାବଦ୍ଧ ରଖିବେ।

## କାର୍ଯ୍ୟକ୍ରମ

| କ୍ର.ନଂ. | ତାରିଖ ଓ ବାର | ଜିଲ୍ଲା | ସମ୍ମିଳନୀ ସ୍ଥାନ |
|---|---|---|---|
| ୧. | ୦୧.୦୭.୨୦୧୦ (ଗୁରୁବାର) | ଢ଼େଙ୍କାନାଳ | ଢ଼େଙ୍କାନାଳ |
| ୨. | ୦୨.୦୭.୨୦୧୦ (ଶୁକ୍ରବାର) | ଅନୁଗୁଳ | ଅନୁଗୁଳ |
| ୩. | ୦୩.୦୭.୨୦୧୦ (ଶନିବାର) | ସମ୍ବଲପୁର | ସମ୍ବଲପୁର |
| ୪. | ୦୪.୦୭.୨୦୧୦ (ରବିବାର) | ବରଗଡ଼ | ବରଗଡ଼ |
| ୫. | ୦୫.୦୭.୨୦୧୦ (ସୋମବାର) | ଝାରସୁଗୁଡ଼ା | ଝାରସୁଗୁଡ଼ା |
| ୬. | ୦୬.୦୭.୨୦୧୦ (ମଙ୍ଗଳବାର) | ସୁନ୍ଦରଗଡ଼ | ରାଜଗାଙ୍ଗପୁର |
| ୭. | ୦୭.୦୭.୨୦୧୦ (ବୁଧବାର) | ଦେବଗଡ଼ | ଦେବଗଡ଼ |
| ୮. | ୦୮.୦୭.୨୦୧୦ (ଗୁରୁବାର) | କେନ୍ଦୁଝର | କେନ୍ଦୁଝର |
| ୯. | ୦୯.୦୭.୨୦୧୦ (ଶୁକ୍ରବାର) | ମୟୂରଭଞ୍ଜ | ବାରିପଦା |
| ୧୦. | ୧୦.୦୭.୨୦୧୦ (ଶନିବାର) | ବାଲେଶ୍ୱର | ବାଲେଶ୍ୱର |
| ୧୧. | ୧୧.୦୭.୨୦୧୦ (ରବିବାର) | ଭଦ୍ରକ | ଚରମ୍ପା |
| ୧୨. | ୧୨.୦୭.୨୦୧୦ (ସୋମବାର) | ଯାଜପୁର | ପାଣିକୋଇଲି |
| ୧୩. | ୧୩.୦୭.୨୦୧୦ (ମଙ୍ଗଳବାର) | କେନ୍ଦ୍ରାପଡ଼ା | କେନ୍ଦ୍ରାପଡ଼ା |
| ୧୪. | ୧୪.୦୭.୨୦୧୦ (ବୁଧବାର) | ଜଗତ୍‌ସିଂହପୁର | ଜଗତ୍‌ସିଂହପୁର |
| ୧୫. | ୧୫.୦୭.୨୦୧୦ (ଗୁରୁବାର) | ପୁରୀ | ପୁରୀ |
| ୧୬. | ୧୬.୦୭.୨୦୧୦ (ଶୁକ୍ରବାର) | ଖୋର୍ଦ୍ଧା | ଜଟଣୀ |
| ୧୭. | ୧୭.୦୭.୨୦୧୦ (ଶନିବାର) | ନୟାଗଡ଼ | ଇଟାମାଟି |
| ୧୮. | ୧୮.୦୭.୨୦୧୦ (ରବିବାର) | କନ୍ଧମାଳ | ଫୁଲବାଣୀ |
| ୧୯. | ୧୯.୦୭.୨୦୧୦ (ସୋମବାର) | ବୌଦ୍ଧ | ବୌଦ୍ଧ |
| ୨୦. | ୨୦.୦୭.୨୦୧୦ (ମଙ୍ଗଳବାର) | ସୋନପୁର | ସୋନପୁର |
| ୨୧. | ୨୧.୦୭.୨୦୧୦ (ବୁଧବାର) | ବଲାଙ୍ଗୀର | ବଲାଙ୍ଗୀର |
| ୨୨. | ୨୨.୦୭.୨୦୧୦ (ଗୁରୁବାର) | ନୂଆପଡ଼ା | ଖରିଆର |
| ୨୩. | ୨୩.୦୭.୨୦୧୦ (ଶୁକ୍ରବାର) | କଳାହାଣ୍ଡି | ଭବାନୀପାଟଣା |
| ୨୪. | ୨୪.୦୭.୨୦୧୦ (ଶନିବାର) | ନବରଙ୍ଗପୁର | ନବରଙ୍ଗପୁର |
| ୨୫. | ୨୫.୦୭.୨୦୧୦ (ରବିବାର) | ମାଲକାନଗିରି | ବାଲିମେଳା |
| ୨୬. | ୨୬.୦୭.୨୦୧୦ (ସୋମବାର) | କୋରାପୁଟ | କୋରାପୁଟ |
| ୨୭. | ୨୭.୦୭.୨୦୧୦ (ମଙ୍ଗଳବାର) | ରାୟଗଡ଼ା | ରାୟଗଡ଼ା |
| ୨୮. | ୨୮.୦୭.୨୦୧୦ (ବୁଧବାର) | ଗଜପତି | ପାରଳାଖେମୁଣ୍ଡି |
| ୨୯. | ୨୯.୦୭.୨୦୧୦ (ଗୁରୁବାର) | ଗଞ୍ଜାମ | ବ୍ରହ୍ମପୁର |
| ୩୦. | ୩୦.୦୭.୨୦୧୦ (ଶୁକ୍ରବାର) | କଟକ | କଟକ |

*ବିନୀତ*

**ଅନାଦି ଚରଣ ସ୍ୱାଇଁ**